

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୪ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 NOVEMBER 2021
Vol.No. 32 ■ No. 281 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିବ୍ୟଶଙ୍କରଙ୍କ ବହିଷ୍କାର ଦାବିରେ ଗର୍ଜିଲେ ଭକ୍ତ ଦାସ



ଭୁବନେଶ୍ୱର,୦୩/୧୧(ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କ ଶାଣିତ ଆକ୍ରମଣକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା । କଳାହାଣ୍ଡିରେ ଏକ ସଭାରେ ଭକ୍ତ କହିଛନ୍ତି, ମମିତାଙ୍କୁ ହତ୍ୟା କରାଯିବା ପଛରେ ଉଦ୍ଦେଶ୍ୟ କଣ ଥିଲା ତାହା ଲୋକଙ୍କ ଜାଣିବାର ଅଧିକାର ଅଛି । ବାରମ୍ବାର କାହିଁକି ସେହି ଅନୁଷ୍ଠାନକୁ ମନ୍ତ୍ରୀ ଯାଉଥିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଏହାଛଡା ମୃତ ମମିତା, ଗୋବିନ୍ଦ ସାହୁ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଫୋନ କଲ ରେକର୍ଡ ସାର୍ବଜନୀନ କରିବା ଦରକାର ବୋଲି କହିଛନ୍ତି ଭକ୍ତ ଦାସ । ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର କରି ତାଙ୍କୁ ତଦନ୍ତ ଭୁକ୍ତ କରିବାକୁ କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ । ଖାଲି ସେତିକି ନୁହେଁ ମମିତା ମେହେର, ଗୋବିନ୍ଦ ସାହୁ ଓ ମନ୍ତ୍ରୀଙ୍କ ଫୋନକଲ୍ ରେକର୍ଡ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି । ତା ସହିତ ସେ ଆହୁରି ମଧ କହିଛନ୍ତି ଯେ, ଏହି ହତ୍ୟା ମାମଲାରେ ୫-୬ଜଣଙ୍କର ସଂପୃକ୍ତି ରହିଛି । କଲ୍ ରେକର୍ଡ ଯାଞ୍ଚ କଲେ ସବୁ କଥା ପଦାକୁ ଆସିବ । ଏହାକୁ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି । କେବଳ ସେତିକି ନୁହେଁ, ଦିବ୍ୟଶଙ୍କର ମିଶ୍ରଙ୍କୁ ଏୟାରଫୋର୍ସରେ କ୍ୟାପଟେନ୍ କରିବା ପାଇଁ ସେ ସାହାଯ୍ୟ କରିଥିଲେ ବୋଲି କହିଛନ୍ତି ଭକ୍ତ । ତେବେ ତାଙ୍କର ଏହି ଶାଣୀତ ଆକ୍ରମଣ, ଦିବ୍ୟଶଙ୍କରଙ୍କ ଅଡୁଆ ବଢ଼ାଇଥିବା ବେଳେ ବିଜେଡି କହିଛି, ଏପରି ଅଭିଯୋଗର କିଛି ଆଧାର ନାହିଁ, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ସୂଚନାଯୋଗ୍ୟ ଯେ, ମମିତା ମେହେର ଓ ପରିବାରକୁ ନ୍ୟାୟ ଦେବା ପାଇଁ କଳାହାଣ୍ଡିବାସୀଙ୍କୁ ଆସନ୍ତା ୮ ତାରିଖରେ ଜନତା କର୍ଫ୍ୟୁ ପାଇଁ ଆହ୍ୱାନ ଦେଇଛନ୍ତି କଂଗ୍ରେସର ଏହି ବରିଷ୍ଠ ନେତା ।

## ଭାରତ ବାୟୋଟିକର କୋଭାକ୍ସିନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱୀକୃତି

ନୂଆଦିଲ୍ଲୀ,୦୩/୧୧: ଶେଷରେ ମେଡ-ଇନ-ଇଣ୍ଡିଆ କରୋନା ଟିକା କୋଭାକ୍ସିନକୁ ଅନୁମତି ଦେଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଦୀର୍ଘ ସମୟର ପ୍ରତୀକ୍ଷା ପରେ ଜରୁରୀକାଳିନ ବ୍ୟବହାର ପାଇଁ କୋଭାକ୍ସିନକୁ ଅନୁମତି ମିଳିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ, ଆଇସିଏମଆର ଓ ଭାରତ ବାୟୋଟେକର ବିଶେଷଜ୍ଞମାନଙ୍କୁ ଏନେଇ ଶୁଭେଚ୍ଛା ଜଣାଇଛନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଣିକି ବିଶ୍ୱର ଯେକୌଣସି ସ୍ଥାନରେ ୧୮ବର୍ଷକୁ ଉର୍ଦ୍ଧ ବୟସ୍କଙ୍କୁ ଏହି ଟିକା ଦିଆଯାଇପାରିବ ବୋଲି ଡବ୍ଲୁଏଚଓ ପକ୍ଷରୁ କୁହାଯାଇଛି । ବୈଷୟିକ ପରାମର୍ଶଦାତା କମିଟି କହିଛି, ଏହି ଟିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନରେ ଉତ୍ତୀର୍ଣ୍ଣ ହୋଇଛି ଏବଂ ଏହା କୋଭିଡ ମୁକାବିଲା କରିବାରେ ସକ୍ଷମ । ତେବେ ଗର୍ଭବତୀ ମହିଳାଙ୍କୁ ଏହି ଟିକା ଦିଆଯିବା ଉପରେ ନିଷ୍ପତ୍ତି ହୋଇପାରିନାହିଁ । ତା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଟିକାର ସୁରକ୍ଷା ଓ ପ୍ରଭାବକୁ ନେଇ ଯଥେଷ୍ଟ ତଥ୍ୟ ମିଳିନାହିଁ ପୂର୍ବରୁ କୋଭିସିଲ୍ଡ, ମଡର୍ଣ୍ଣା ଆଦି ଟିକାକୁ ଜରୁରୀକାଳୀନ ଭାବରେ ବ୍ୟବହାର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମତି ଦେଇଥିଲା ।

## କୁଟିଣ୍ଡାରେ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଅଟକ ରଖିଲେ ବିଜେପି ଓ କଂଗ୍ରେସ କର୍ମୀ

ଭୁବନେଶ୍ୱର,୦୩/୧୧(ନି.ପ୍ର): ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ କରୁଥିବା କଂଗ୍ରେସ ଓ ବିଜେପି କର୍ମୀଙ୍କ ଗତକାଲି ବିଜେଡି କର୍ମୀ ମାଡ ମାରିବା ପ୍ରତିବାଦରେ ଆଜି କୁଟିଣ୍ଡା ବନ୍ଦ ପାଳନ କରୁଥିଲେ ବିରୋଧୀ । ବନ୍ଦ ପାଳନ ଭିତରେ ଆଜି ମନ୍ତ୍ରୀ ଟୁକୁନି ସାହୁ ବିଜୁ ସ୍ୱାସ୍ଥ୍ୟକାର୍ଡ ବାଣ୍ଟିବାକୁ ଯାଇଥିବାବେଳେ ହଟହଟା ହୋଇଛନ୍ତି । ଏଥିସହ ବିଜେପି, କଂଗ୍ରେସ କର୍ମୀଙ୍କ ସହ ମୁହାଁମୁହିଁ ହୋଇଛନ୍ତି ବିଜେଡି କର୍ମୀ । ସମୟ ପ୍ରାୟ ସକାଳ ୮ଟା , ସ୍ଥାନ ଥିଲା କୁଟିଣ୍ଡାର ପୂର୍ତ୍ତ ବିଭାଗ ଡାକବଙ୍ଗଳା । ବିରୋଧୀଙ୍କୁ ବିଜେଡି କର୍ମୀଙ୍କ ଆକ୍ରମଣ ପ୍ରତିବାଦରେ କୁଟିଣ୍ଡା ବନ୍ଦ ପାଳନ ବେଳେ ଡାକବଙ୍ଗଳାରେ ମନ୍ତ୍ରୀ ଟୁକୁନି ସାହୁ ଥିବା ଖବର ପାଇ ତାତି ଯାଇଥିଲେ ବିଜେପି ଓ କଂଗ୍ରେସ କର୍ମୀ । ଦୁଇ ଦଳର ବହୁ କର୍ମୀ ଡାକବଙ୍ଗଳା ନିକଟରେ ପହଁଚି ତାଲା ମନ୍ତ୍ରୀଙ୍କୁ ପକାଇ ଦେଇଥିଲେ । ଆଉ ଡାକବଙ୍ଗଳା ଭିତରେ ଦୀର୍ଘ ୪ ଘଣ୍ଟା କାଳ ଫସି ରହିଥିଲେ ମନ୍ତ୍ରୀ ଟୁକୁନି ସାହୁ ।

## ପେଟ୍ରୋଲ ୫ ଟଙ୍କା ଓ ଡିଜେଲ ୧୦ ଟଙ୍କା କମିଲା



ନୂଆଦିଲ୍ଲୀ,୦୩/୧୧: ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛନ୍ତି କେନ୍ଦ୍ର ସରକାର। ଦୀପାବଳି ଭେଟି ସ୍ୱରୂପ କେନ୍ଦ୍ର ସରକାର ପେଟ୍ରୋଲର ଲିଟର ପିଛା ଦର ୫ ଟଙ୍କା ଓ ଡିଜେଲ ଦର ୧୦ ଟଙ୍କା ହ୍ରାସ କରିଛନ୍ତି। ଆସନ୍ତାକାଲି ଠାରୁ ଏହି ପରିବର୍ତ୍ତିତ ଦର ଲାଗୁ ହେବ। କେନ୍ଦ୍ର ସରକାର ତୈଳ ଦର ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କ ହ୍ରାସ କରିଥିବାରୁ ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇବାକୁ ଯାଉଛି। ନ୍ୟୁଜି ଏଜେନ୍ସି ଏଏନ୍?ଆଇ ଅନୁଯାୟୀ, ଭାରତ ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ପେଟ୍ରୋଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ ଲିଟର ପିଛା ୫ ଟଙ୍କା ଓ ଡିଜେଲ ଉପରେ ଲାଗୁଥିବା ଉତ୍ପାଦନ ଶୁଳ୍କକୁ ୧୦ ଟଙ୍କା ଲେଖାଏ ହ୍ରାସ କରାଯାଇଛି। ଆସନ୍ତାକାଲି ଅର୍ଥାତ ଦୀପାବଳି ଠାରୁ ଏହି ପରିବର୍ତ୍ତିତ ଦର ଲାଗୁ ହେବ। କେନ୍ଦ୍ର ସରକାର ପେଟ୍ରୋଲ ତୁଳନାରେ ଡିଜେଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ ପ୍ରାୟ ଦୁଇ ଗୁଣ ହ୍ରାସ କରିଛନ୍ତି। ଏହାର ରବି ଫସଲ ସମୟରେ ଚାଷୀଙ୍କ ପାଇଁ ବୁଷ୍ଟର ଡୋଜ୍ ଭାବେ କାମ କରିବ ବୋଲି କେନ୍ଦ୍ର ସରକାର ଆଶା କରିଛନ୍ତି। ସେହିପରି କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାର ମାନଙ୍କ ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ କରୁଥିବା ଭ୍ୟାଟକୁ କମ କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରମାନେ ଭ୍ୟାଟ ହ୍ରାସ କଲେ ଲୋକମାନେ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ପାଇବେ ବୋଲି କେନ୍ଦ୍ର ସରକାର କହିଛନ୍ତି। ଗତବର୍ଷ ପେଟ୍ରୋଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ କେନ୍ଦ୍ର ସରକାର ୧୯.୯୮ ଟଙ୍କାରୁ ବଢ଼ାଇ ୩୨.୯ ଟଙ୍କାରେ ପହଞ୍ଚାଇଥିଲେ। ଏବେ କିନ୍ତୁ ଉତ୍ପାଦ ଶୁଳ୍କ ମାତ୍ର ୫ ଟଙ୍କା ହ୍ରାସ କରାଯାଇଛି।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ



ଭୁବନେଶ୍ୱର,୦୩/୧୧ (ନି.ପ୍ର): ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି। ଅନୁଗୁଳସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ନିଜର ଇସ୍ତଫା ପତ୍ରକୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ଇସ୍ତଫା ପତ୍ରରେ ଶ୍ରୀ ସାହୁ ବିଜେଡି ଛାଡିବା ନେଇ କୌଣସି କାରଣ ଲେଖିନାହାଁନ୍ତି। ସୂଚନାଯୋଗ୍ୟ ସଞ୍ଜୀବ ସାହୁ ବିଜେଡିରୁ ୪ ଥର ନିର୍ବାଚିତ ହୋଇ ବିଧାନସଭାକୁ ଆସିଥିଲେ । ୨୦୦୩ ବୀରମହାରାଜପୁର ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ବୈଷ୍ଣବ ପ୍ରଧାନଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ପ୍ରଧାନଙ୍କୁ ପରାସ୍ତ କରିଥିଲେ। ଏହାପରେ ୨୦୦୪ ସାଧାରଣ ନିର୍ବାଚନରେ ମଧ ଦଳ ତାଙ୍କୁ ବୀରମହାରାଜପୁର ଟିକେଟ୍ ଦେଇଥିଲା। ଏହି ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆଙ୍କୁ ପରାସ୍ତ କରି ବିଧାନସଭାକୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ।୨୦୦୪ରେ ସଂଜୀବ ସାହୁ ବିଜ୍ଞାନ, କାରିଗର, ମାଧ୍ୟମିକ ଶିକ୍ଷା ଓ ବାଣିଜ୍ୟ ଏବଂ ପରିବହନ ବିଭାଗରେ ମନ୍ତ୍ରୀ ପଦ ପାଇଥିଲେ।

## ପୁରୀ ଜିଲ୍ଲା ପାଇଁ କାଳିଆ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

### ୧,୬୫,୧୩୧ ଚାଷୀ ପାଇବେ ୩୩ କୋଟି ଟଙ୍କାର ସହାୟତା



ଭୁବନେଶ୍ୱର, ୦୩ ନଭେମ୍ବର - ୨୦୨୧-୨୨ ରବି ଋତୁ ପାଇଁ ପୁରୀ ଜିଲ୍ଲାର ଚାଷୀ ମାନେ କାଳିଆ ସହାୟତା ଭାବରେ ୨୦୦୦ ଟଙ୍କା ଲେଖାଏଁ ସହାୟତା ପାଇବେ। ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଜିଲ୍ଲାର ୧,୬୫,୧୩୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୩୩.୦୩କୋଟି ଟଙ୍କା ପାଇବେ । ଏହି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ । ସୂଚନାଯୋଗ୍ୟ ଯେ ସେପଟ୍ଟେମ୍ବର ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟର ୩୭,୧୨,୯୪୧ ଜଣ ଚାଷୀଙ୍କୁ ୭୪୨.୫୮ କୋଟି ଟଙ୍କାର କାଳିଆ ସହାୟତା ବଂଟନ କରିଥିଲେ । ପିପିଲି ଉପନିର୍ବାଚନ ପାଇଁ ପୁରୀ ଜିଲ୍ଲାର ଚାଷୀ ମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇପାରି ନ ଥିଲା । ରାଜ୍ୟର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାରମାନଙ୍କୁ କୃଷି କାର୍ଯ୍ୟରେ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସାରା ଦେଶରେ ଚାଷମାନଙ୍କ କଲ୍ୟାଣ ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ।

## ଗୁଳି ପରେ ଯୁବକଙ୍କୁ ହାଣି ହତ୍ୟା ଘଟଣାରେ ଧରାପଡିଲେ ପାଞ୍ଚ



ବାଲେଶ୍ୱର,୦୩/୧୧ (ନି.ପ୍ର): ବାଲେଶ୍ୱରର କୁରୁଡାର ଜଣେ ଯୁବକଙ୍କ ଉପରେ ଦୁର୍ବୁର୍ତ୍ତମାନେ ଗୁଳି ଚଳାଇବା ପରେ ହାଣି ହତ୍ୟା ଘଟଣାରେ ପୋଲିସକୁ ମିଳିଛି ବଡ ସଫଳତା। ଏହି ଘଟଣାରେ ପୋଲିସ ମୋଟ ପାଞ୍ଚ ଜଣଙ୍କୁ ଗିରଫ କରିଛି। ସଦର ଥାନାରେ ହୋଇଥିବା ୩୫୪/୨୦୨୧ ନମ୍ବର ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଖାନନଗର ଅଞ୍ଚଳ ପ୍ରଭାକର ନାୟକଙ୍କ ପୁତ୍ର ଅଜୟ ନାୟକ(୨୬), ସଦବେବଖୁଣ୍ଟା ଥାନା ଅନ୍ତର୍ଗତ ତେଲେଙ୍ଗାସାହି ଅଞ୍ଚଳର ଅଶୋକ କୁମାର ଭାରତୀଙ୍କ ପୁତ୍ର ଜୁଗଲ କିଶୋର ଭାରତୀ ଓରଫ ରାଜା/ବାବୁଆ (୨୭), ସ୍ୱର୍ଗତଃ ଶିବାନନ୍ଦ ଦେଙ୍କ ପୁତ୍ର ସରୋଜ କୁମାର ଦେ ଓରଫ ବଡ କାଳିଆ (୩୨) ଏବଂ ସଦରଥାନା ଅନ୍ତର୍ଗତ ବାଙ୍କତୀରା ଅଞ୍ଚଳର ଅମୂଲ୍ୟ ଦାସଙ୍କ ପୁତ୍ର ସପନ ଦାସ (୩୧), ସଦର ଥାନା କୁରୁଡା ଅଞ୍ଚଳର ଗୁଣ୍ଡୁରୁ ସେଠୀଙ୍କ ପତ୍ନୀ ଇନ୍ଦୁବାଳା ସେଠୀ ଓରଫ ଗେହ୍ଲି । ଅଭିଯୁକ୍ତମାନଙ୍କ ଗିରଫ ପରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ହତ୍ୟାକାଣ୍ଡର କାରଣ ସମ୍ପର୍କରେ ପୋଲସ ପକ୍ଷରୁ ସୂଚନା ମିଳିପାରିନାହିଁ। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ତାହାକୁ ନେଇ ପୋଲିସ ତନାଘନା ଚଳାଇଛି। ତେବେ ବାଲେଶ୍ୱର ରେଳ ଷ୍ଟେସନରେ ଟିକଟ କଟାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ରଚାଯାଇଥିବା ସନ୍ଦେହ କରି ପୋଲିସ ତଦନ୍ତ ଆଗକୁ ନେଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଦୁଇଟି ତେଲେଙ୍ଗା କଟୁରୀ, ଗୋଟିଏ ଛୁରୀ, ଛଅଟି ମୋବାଇଲ ଫୋନ ଓ ଗୋଟିଏ ଟିଭିଏସ ସ୍ପୋର୍ଟସ ମୋଟର ସାଇକେଲ ଜବତ କରାଯାଇଛି। ପୂର୍ବ ସୂଚନା ଅନୁଯାୟୀ ଗତ ରବିବାର ସକାଳେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଜଗନ୍ନାଥପାଟଣା ଅଞ୍ଚଳର ବିନୋଦ ବିହାରୀ ଦାସଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯାଇଥିଲା । କାଣ୍ଡ ଘଟିଥିଲା । ବିନୋଦ ବାଇକ୍‌ରେ କୁରୁଡା ଛକକୁ ଆସୁଥିବା ବେଳେ ରାସ୍ତାରେ ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛା କରି ବାଇକରେ ଗୋଡ଼ାଉଥିବା ବେଳେ ସେ କୁରୁଡା ଛକରୁ ଅନ୍ୟ ଏକ ରାସ୍ତା ଦେଇ ପଳାଇଯିବାକୁ ଉଦ୍ୟମ କରିଥିଲେ । ସେହି ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କୁ ଅତି ନିକଟରୁ ଗୁଳିମାରିବା ପରେ ତାଙ୍କ ବେକକୁ ଭୂଜାଲିରେ ହାଣି ପକାଇଥଲେ ।


DADLS-31





ପବିତ୍ର ଦୀପାବଳି-୨୦୨୧ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

'କରୋନା' ମହାମାରୀର ପ୍ରକୋପ ହ୍ରାସ ପାଉଥିଲେ ମଧ୍ୟ ସରିନାହିଁ । ଏଣୁ ଦାୟିତ୍ୱପୂର୍ଣ୍ଣ ଆଚରଣ ସହ ଉତ୍ସବ ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

OIPR : 15001/13/0058/2122

DADLS-31





ମୁଖ୍ୟମନ୍ତ୍ରୀଙ୍କ
ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଂଚାଇବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0058/2122

DADLS-31





ପବିତ୍ର ଦୀପାବଳି – ୨୦୨୧ ଉପଲକ୍ଷେ
ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

'କରୋନା' ମହାମାରୀ ସମ୍ପୂର୍ଣ୍ଣ ଦୂରେଇ ଯାଇନାହିଁ । କୋଭିଡ୍ ମାର୍ଗଦର୍ଶିକା ଅନୁପାଳନପୂର୍ବକ ଦୀପାବଳି ଉତ୍ସବ ପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0058/2122

# ‘ସହାୟକ’ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବାଲେଶ୍ୱର,୩/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସହାୟକ’ର ମାସିକ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ସୁରେନ୍ଦ୍ରନାଥ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରିଶ ଚନ୍ଦ୍ର ଜେନା ଓ ସାହିତ୍ୟିକ ଡ. ରମାକାନ୍ତ ବେହେରା,ସଂଘର ସାଧାରଣ ସମ୍ପାଦକ ଇଂ. ବନମାଳି ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାଶଙ୍କୁ ତାଙ୍କ ୯୧ତମ ଜନ୍ମଦିନରେ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷୟ ତ୍ରିପାଠୀ, ଶଚୀନ୍ଦ୍ର ଦାସ, ସୁଦର୍ଶନ ଦାସ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସାବିତ୍ରୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଶଶାଙ୍କ ଶେଖର ଦତ୍ତ, ବସନ୍ତ କୁମାର ନାୟକ, ଶେଖ୍ ଆଲ୍ଲାଉଦ୍ଦିନ୍, ଭବେଶ ଚନ୍ଦ୍ର ପଣ୍ଡା, ଶ୍ରୀରାମ ଦାଶ, ରାମଚନ୍ଦ୍ର ବାଗ, ଇଂ. କିଶୋର ଚନ୍ଦ୍ର ବେହେରା, ପୁରୁଷୋତ୍ତମ ବେହେରା, ଅରୁଣା ରାୟ, ପ୍ରଣୀତା ମିଶ୍ର, ଇଂ. ରାମଚନ୍ଦ୍ର ସେଠୀ, ରବୀନ୍ଦ୍ର ପ୍ରହରାଜ, ଶ୍ୟାମସୁନ୍ଦର ଜେନା, ଇଂ. ଶିବପ୍ରସାଦ ବେହେରା, ଇଂ. ସରୋଜ କୁମାର ଚାନ୍ଦ, ଦୀନବନ୍ଧୁ ଲେଙ୍କା, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ବେଣୁଧର ପାଳ, ଦିବାକର ମହାପାତ୍ର, ଡା. ତାରାକାନ୍ତ ନନ୍ଦ, ଗୋପାଳ ଚନ୍ଦ୍ର ଜେନା, ଇଂ. ସୁଗତ ଘୋଷ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, କାମିନୀକାନ୍ତ ପାଢ଼ୀ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ।ଡ. କ୍ଷୀତିଶ୍ୱର ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରୁଣୀ ଘାଟର ବାଲି ଉଠାଣକୁ ବିରୋଧ କଲା ଜେଏମଏମ ଯୁବମୋର୍ଚ୍ଚା



ବାରିପଦା,୩/୧୧ (ନି.ପ୍ର): ଜେଏମଏମର ମୟୂରଭଞ୍ଜ ଯୁବ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ସୁନାମୁହିଁ ବାରୁଣୀ ଘାଟରୁ ବାଲି ଉଠାଯିବାକୁ ତୀବ୍ର ବିରୋଧ କରାଯିବା ସହ ଏହାକୁ ବନ୍ଦ କରାଯିବା ପାଇଁ ଦାବି କରାଯାଇ ଏକ ସ୍ମାରକ ପତ୍ର ଆଜି ବାରିପଦା ଉପ ଜିଲ୍ଲାପାଳ, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ରାଜ୍ୟସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ବାରିପଦା ନିକଟସ୍ଥ ମଧୁବନ ଅଞ୍ଚଳର ବୁଢାବଳଙ୍ଗ ବାଲି ଖାଦାନ ପାଇଁ ପୋଡାଅସ୍ତିଆ ପୋଲରୁ ୫୦୦ ମିଟର ଛାଡ଼ି ୫ ହେକ୍ଟର ପରିମିତ ସୈରାତ ଲିଜ ସୂତ୍ରରେ ଦିଆଯାଇଛି । ସେହି ୫ ହେକ୍ଟର ଜାଗା ମଧ୍ୟରେ ସୁନାମୁହିଁ ବାରୁଣୀ ଘାଟ ପଡୁଥିବା କୁହାଯାଉଛି । ତେବେ ମୟୂରଭଞ୍ଜ ଜିଲ୍ଲା ସମ୍ବିଧାନର ୫ମ ଅନୁସୂଚିତ ଅଞ୍ଚଳ ହୋଇଥିଲେ ମଧ୍ୟ ବାଲି ସୈରାତ ନିଲାମକୁ ନେଇ କୌଣସି ଜନଶୁଣାଣି ଏପରିକି ଗ୍ରାମସଭାକୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ । ମୟୂରଭଞ୍ଜ ମହାରାଜାଙ୍କ ଶାସନ କାଳରୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହି ସୁନାମୁହିଁ ବାରୁଣୀ ଘାଟରେ ଦାମୋଦର ମେଳାରେ ପାରମ୍ପରିକ ଅସ୍ଥି ବିସର୍ଜନ କରିଆସୁଛନ୍ତି । ଲୋକେ ଗଙ୍ଗା କି ତ୍ରିବେଣୀରେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ ନିମନ୍ତେ ଯାଉଥିବାବେଳେ ଏହି ଆଦିବାସୀ ସମ୍ପ୍ରଦାୟର ଲୋକେ ବୁଢ଼ାବଳଙ୍ଗ ଜରାଳି ଓ ସରାଳି ନଦୀର ସଂଗମ ସ୍ଥଳରେ ଅସ୍ଥି ବିସର୍ଜନ କରି ନିଜର ପିତୃ ପୁରୁଷଙ୍କୁ ତର୍ପଣ କରିଥାନ୍ତି । ଏହି ଅଞ୍ଚଳରେ ବାଲି ସୈରାତ ହେଲେ ଆଦିବାସୀ ସମ୍ପ୍ରଦାୟର ପରମ୍ପରା ନଷ୍ଟ ହେବ ବୋଲି ଜେଏମଏମ ପକ୍ଷରୁ ଅଭିଯୋଗ କରାଯାଇଛି । ବାରୁଣୀ ଘାଟକୁ ଲିଜମୁକ୍ତ କରାଯାଇ ଆଦିବାସୀଙ୍କ ଏହି ପବିତ୍ର ସ୍ଥାନକୁ କପରି ଭାବରେ ଉନ୍ନତିକରଣ କରିହେବ ସେଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଦୃଢ ଦାବି କରାଯାଇଛି । ଆଗାମୀ ଦିନରେ ଏ ସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଅବିଳମ୍ବେ ବେଆଇନ କାର୍ଯ୍ୟକୁ ବନ୍ଦ କରାନଗଲେ ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଜେଏମଏମ ମୟୂରଭଞ୍ଜ ଯୁବ ସଭାପତି ଅର୍ଜୁନ ମୁର୍ମୁ, ଯୁବ ସାଧାରଣ ସମ୍ପାଦକ ଚୈତନ ସୋରେନ, ବିଶ୍ୱନାଥ ମୁର୍ମୁ, ଲିଲିମଣୀ ମାର୍ଣ୍ଡି, ଉପ ସଭାପତି ବିଦୁ ଚନ୍ଦନ ହାଁସଦାଃ ପ୍ରମୁଖ ଜଣାଇଛନ୍ତି ।

# ଆୟୁର୍ବେଦିକ ଚିକିତ୍ସାଳୟରେ ଧନ୍ୱନ୍ତରୀ ଜୟନ୍ତୀ




ବାଲେଶ୍ୱର,୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୁର୍ବେଦର ପ୍ରବର୍ତ୍ତକ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ଏବଂ ଜାତୀୟ ଆୟୁର୍ବେଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡାକ୍ତର ହରିଶ୍ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିବା ସହିତ ଆୟୁର୍ବେଦ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ। ଡାକ୍ତର ଶାନ୍ତନୁ ଦାସ, ଡାକ୍ତର ସୁରେନ୍ଦ୍ର ମହାରଣା, ଡାକ୍ତର ଅଶୋକ ଦାସ, ଡାକ୍ତର ପ୍ରମୋଦ କୁମାର ରାଉତ, ଡାକ୍ତର ବିଜୟ କୁମାର ପଣ୍ଡା, ଡାକ୍ତର ପ୍ରଭାକର ପଣ୍ଡା, ଡାକ୍ତର ସୁଧାଂଶୁ ଶେଖର ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନିରୋଗ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଆୟୁର୍ବେଦ ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ରୋଗରେ ତୁରନ୍ତ ଯନ୍ତ୍ରଣା ଉପସମ ପାଇଁ ଲୋକେ ଆଧୁନିକ ଚିକିତ୍ସା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ସମ୍ପୂର୍ଣ୍ଣ ନିରୋଗ ହେବାକୁ ଆୟୁର୍ବେଦ ଚିକିତ୍ସା ହିଁ ଏକମାତ୍ର ବିକଳ୍ପ ଭାବେ ସାବ୍ୟସ୍ତ ହୋଇଥିବା ସେମାନେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଡାକ୍ତର ସୁଶାନ୍ତ କୁମାର ଶାସ୍ତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ଜୟନ୍ତ ପ୍ରଧାନ, ଡାକ୍ତର ସୁଭଦ୍ରା ବେହେରା, ଡାକ୍ତର ଅଲି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୁର୍ବେଦିକ କାର୍ଯ୍ୟାଳୟର ଉପ-ବିଭାଗୀୟ ଅଧିକାରୀ ହିମାଂଶୁ ଶେଖର ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହିତ ଉପସ୍ଥିତ ଡାକ୍ତର ଓ ସହକାରୀଙ୍କ ଶପଥପାଠ କରାଇଥିଲେ। ଡାକ୍ତର ଅଜୟ କୁମାର ସେଣ୍ଠ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ତ୍ତବିଭାଗରେ ଚାଲିଛି ବେନିୟମ ଟେଣ୍ଡର

## ଠିକାଦାରଙ୍କ ଅସନ୍ତୋଷ ଓ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ : ପୂର୍ବସୂଚନା ଅନୁଯାୟୀ ଅନଶନ



ଜଳେଶ୍ୱର,୩/୧୧ (ନି.ପ୍ର): ପୂର୍ତ୍ତବିଭାଗ(୨) ଅଧିନରେ ବହୁ ବେନିୟମ କାର୍ଯ୍ୟ ସହିତ ଟେଣ୍ଡର ସମ୍ପାଦନ କରାଯାଉଛି ବୋଲି ଜଳେଶ୍ୱର ଠିକାଦାରମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ପୂର୍ବ ସୂଚନା ଅନୁଯାୟୀ କେତେକ ଠିକାଦାର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ । ଦୀର୍ଘବର୍ଷ ଧରି ପୂର୍ତ୍ତବିଭାଗରେ ପ୍ରିୟାପ୍ରତିତୋଷଣ ଓ କେତେକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅଫଲାଇନ୍ କାର୍ଯ୍ୟର ଠିକା ଦିଆଯାଇ ଆସୁଥିଲା । ଏ ସମ୍ପର୍କରେ ଜଣାଯିବାପରେ ଗତ ୧୯ ତାରିଖରେ ଠିକାଦାର ସଂଘ ମଧ୍ୟରୁ ଲୋକନାଥ ଜେନା ଏ ସମ୍ପର୍କରେ ପୂର୍ବମଣ୍ଡଳ ପୂର୍ତ୍ତବିଭାଗ (ନିର୍ମାଣ)ର ମୁଖ୍ୟଯନ୍ତ୍ରୀଙ୍କୁ ବିଭିନ୍ନ ଅଭିଯୋଗ ଦେଇଥିଲେ । ଏଥିରେ ଅନ୍‌ଲାଇନ୍ ଟେଣ୍ଡେର ଦିଆଯାଉନଥିବା, ୫ଲକ୍ଷ ଟଙ୍କା ଯାଏ କାର୍ଯ୍ୟକୁ ଟେଣ୍ଡର ନ କରି ଅଫ୍‌ଲାଇନ୍‌ରେ ଦେବା, ସଲାସୁତୁରାରେ ନିର୍ଦ୍ଦିଷ୍ଟ କେତେକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଉଥିବା ସଂପର୍କରେ ଅଭିଯୋଗ ହୋଇଥିଲା । ଗତ ଅକ୍ଟୋବର ୧ ତାରିଖରେ ହୋଇଥିବା ଟେଣ୍ଡର ପ୍ରକ୍ରିୟା ସଂପୂର୍ଣ୍ଣ ବେଆଇନ୍ ଓ ଲୁଚାଛପାରେ କରାଯାଇଥିବା କେତେକ ଠିକାଦାର ମୁଖ୍ୟଯନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ । ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଜି ଏହାକୁ ପ୍ରଅତିବାଦ ଜଣାଇ ଠିକାଦାର ସଂଘ ପକ୍ଷରୁ ଅନଶନ ହେବାର ଲିଖିତଭାବେ ଜଣାଇ ଦିଆଯାଇଥିଲା । ସ୍ଥାନୀୟ ପ୍ରଶାସନଠାରୁ ସର୍ବୋଚ୍ଚ ଯନ୍ତ୍ରୀ, ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆଜି ସୂଚନା ଅନୁଯାୟୀ ଲୋକନାଥ ଜେନା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ । ତାଙ୍କୁ ସ୍ୱୟମ୍ଭୁ ପ୍ରସାଦ ଦାସ, ଅଭିଲାସ ଭୂୟାଁ, ଦୁଷ୍ମନ୍ତ ଜେନା, ଜନ୍ମେଜୟ ନାଥ, ଦିଲ୍ଲିପ ବେହେରା ପ୍ରମୁଖ ତାଙ୍କୁ ସହାୟତା କରିଥିଲେ । ଅନ୍ୟପକ୍ଷରେ ବରିଷ୍ଠ ଠିକାଦାର, ଅନନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ନାଥ, ଗୋବିନ୍ଦ ସାହୁ, ସେଖର ମହାନ୍ତି, ସୁଧିର ସେନାପତି, ରାଜୁ ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ ପଣ୍ଡା ଓ ସହକାରୀ ଯନ୍ତ୍ରୀ ନିହାର ରଂଜନ ବେହେରାଙ୍କ ସହିତ ଆଲୋଚନା କରିଥିଲେ । ଆଗାମୀ ଦିନରେ ସମସ୍ତ କାର୍ଯ୍ୟକୁ ଅନଲାଇନ୍‌ରେ ଟେଣ୍ଡର ଦିଆଯିବା ଓ ଅଫଲାଇନ୍‌ରେ ଟେଣ୍ଡର ଲାଗି ପୂର୍ବରୁ ସୂଚନା ଦିଆଯିବାର ନିଷ୍ପତ୍ତି ହୋଇଥିବା ଜଣାଯାଇଛି । ଫଳରେ ଆମରଣ ଅନସନକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଯାଇଥିଲା । ଏ ସମ୍ପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ପୂର୍ବରୁ ବେନିୟମ କାର୍ଯ୍ୟ ହୋଇନଥିବା ବେଳେ କେତେକ ଅତ୍ୟାବଶ୍ୟକ କାର୍ଯ୍ୟକୁ ଅତିଶୀଘ୍ର ଶେଷ ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥାଏ । ଏମିତି କାଁଭାଁ କାର୍ଯ୍ୟକୁ ଛାଡିଦେଲେ ସେପରି ଅନିତିକର କାର୍ଯ୍ୟ ହୋଇନଥିବା ସମ୍ପର୍କରେ କହିଛନ୍ତି । ଅନ୍ୟପକ୍ଷରେ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରି ଏକ ବ୍ୟକ୍ତିଗତ କାର୍ ଛିଡା ହୋଇ ରହିଥିବାରୁ ସେଠାରେ ଉପସ୍ଥିତ ଥିବା କେତେକ ସାମ୍ବାଦିକ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାଙ୍କୁ ଉଚ୍ଚବାଚ କରିଥିବା ଦେଖିବାକୁ ମିଳିଥିଲା । ତେବେ ଓଡି୦୧ଏଏ୫୨୧୯ ବ୍ୟକ୍ତିଗତ କାରଟି ପାର୍କିରେ ଛିଡା ନ କରାଇ କାର୍ଯ୍ୟାଳୟ ସମ୍ମୁଖ ପ୍ରବେଶ ଦ୍ୱାର ନିକଟରେ କାହିଁକି ଛିଡା କରାଯାଇଛି ବୋଲି ଯୁକ୍ତି ତର୍କ ପରେ ତାହାକୁ ହଟାଯାଇଥିଲା ।

# ତୈଳ ଦର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧିକୁ ବିଜେଡି ମହିଳା ମୋର୍ଚ୍ଚାର ପ୍ରତିବାଦ

ପାରାଦୀପ,୩/୧୧ (ନି.ପ୍ର): ରାଜ୍ୟ ବିଜୁ ମହିଳା ଜନତା ଦଳ ଡାକରାରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରନ୍ଧନ ଗ୍ୟାସ୍, ତୈଳ ଦରରେ ଅହେତୁକ ବୃଦ୍ଧି ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ପାରାଦୀପ ବିଜୁ ମହିଳା ଜନତା ଦଳ ସୋମବାର ଦିନ ରାଜରାସ୍ତାକୁ ଓହ୍ଲାଇଥିଲା । ପାରାଦୀପ ଶାଖା ମହିଳା ସଭାନେତ୍ରୀ ଚପଳା ସ୍ୱାଇଁଙ୍କ ନେତୃତ୍ୱରେ ନାରୀନେତ୍ରୀ ପ୍ରଭାତି ନାୟକ, ପ୍ରଭାସିନି ବେଉରିଆ, ସ୍ମୃତି ଲେଙ୍କା, ପ୍ରତିମା ମିଂଜ୍, ଲତା ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଶହଶହ ମହିଳା ପାରାଦୀପ ରାଜରାସ୍ତାରେ ଶୋଭାଯାତ୍ରା କରି ଏଡିଏମ୍ ଅଫିସ ନିକଟସ୍ଥ ଗାନ୍ଧିଛକ ଠାରେ ପହଂଚି ଅହେତୁକ ଦରଦାମ୍ ବୃଦ୍ଧି ଯୋଗୁଁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଏକ ପ୍ରତିବାଦ ସଭା ଅୟୋଜନ କରାଯାଇଥିଲା । ଏହି ସଭାରେ କେନ୍ଦ୍ର ସରକାରଙ୍କ ଅହେତୁକ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବକ୍ତବ୍ୟ ରଖି ନାରୀନେତ୍ରୀମାନେ କହିଥିଲେ କି ମାନ୍ୟବର ରାଷ୍ଟ୍ରପତି ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରି ଦରଦାମ୍ ବୃଦ୍ଧି ଯୋଗୁଁ ପ୍ରତ୍ୟେକ ପରିବାରରେ ଯେଉଁ ମହଙ୍ଗାମାଡ ହୋଇଛି ତାର ପ୍ରତିକାର ଦାବୀ କରିଥିଲେ । ଏହି ମର୍ମରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଭିଜିଲାନ୍‌ସ ଓ ସ୍ପେଶାଲ ଅଡିଟ ଦାବିରେ ବ୍ଲକ ସମ୍ମୁଖରେ ଗଣଧାରଣା



ନୀଳଗିରି,୩/୧୧ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାର ଙ୍କର ବିଭିନ୍ନ ଯୋଜନା କିଭଳି ନୀଳଗିରି ବ୍ଲକର ହରିଲୁଟ ହେଉଛି ଏବଂ ସରକାର ତାକୁ ଦେଖି ନ ଦେଖିଲା ଭଳି କାର୍ଯ୍ୟ କରୁଛନ୍ତି ତାହାର ପ୍ରତିବାଦରେ ଆଜି ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆଜି ୧୦ଘଟିକା ସମୟରେ ନୀଳଗିରି ବ୍ଲକ ସମ୍ମୁଖରେ ପ୍ରାୟ ୩ଶହ ଲୋକଙ୍କୁ ନେଇ ଏକ ଗଣଧାରଣା ଦିଆଯାଇଥିଲା । ଉକ୍ତ ଗଣଧାରଣାରେ କୃଷକ କଂଗ୍ରେସର ରାଜ୍ୟ ସଂପାଦକ ଯଶୋଦା ନନ୍ଦନ ସିଂହ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାକୁ କିଭଳି ଭାବରେ ନୀଳଗିରି ବ୍ଲକର ବାଟମାରଣା ହେଉଛି ତାହାର ଅବଧାରଣା କରିଥିଲେ । ଏହି ଧାରଣାରେ ନୀଳଗିରି କଂଗ୍ରେସର ବ୍ଲକ ସଭାପତି ମନୋରଂଜନ ପଣ୍ଡା ସଦାସର୍ବଦା ଲୋକଙ୍କ ସହିତ ଅଛି, ଦରକାର ପଡ଼ିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦୃଢ଼ ଚେତାବନୀ ଦେଇଥିଲେ । ସି.ପି.ଆଇ. ନେତା କୈଳାସ ପଣ୍ଡା, ଜିଲ୍ଲା ସି.ପି.ଆଇ. ସଂପାଦକ ନିରଂଜନ ବାରିକ, ବିଜୟ ସ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଉକ୍ତ ଧାରଣାରେ ନେତୃତ୍ୱ ନେଇଥିବା କଂଗ୍ରେସ ନେତା ଚିତ୍ତରଂଜନ ଷଡ଼ଙ୍ଗୀ ବ୍ଲକର କିଭଳି ବ୍ୟାପକ ଦୁର୍ନିତୀ ହେଉଛି ତାହାର ପୁଂଖାନୁପୁଂଖ ବିବୃତ୍ତି ଦେଇଥିଲେ । ବ୍ଲକରେ ପ୍ରତ୍ୟେକ କାମରେ ୨୦ପ୍ରତିଶତ ପି.ସି. ନେଉଥିବା ବେଳେ ଠିକାଦାର ଏବଂ କିଛି ନେତାଙ୍କର ୨୦ ପ୍ରତିଶତ ପି.ସି. ବାଟମାରଣା ହେଉଥିବାବେଳେ ମାତ୍ର ୪୦ ପ୍ରତିଶତ କାମ ହେଉଥିବା କହିଥିଲେ । ବେଳେବେଳେ କାବ ନ ହୋଇ ଫଳସ ବିଲ୍ ପୈଠ ହେଉଥିବା କହିଥିଲେ । ଏହିଭଳି ଭାବରେ ସରକାରଙ୍କର କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଶ୍ରୀ ଷଡ଼ଙ୍ଗୀ ଅଭିଯୋଗ କରିଥିଲେ । ସରକାର ଯଦି ଏହାର ଭିଜିଲାନ୍‌ସ ତଦନ୍ତ ସହିତ ସଠିକ୍ ଅଡିଟ୍ ନ କରନ୍ତି, ତାହେଲେ ସେ ଲୋକମାନଙ୍କ ପାଇଁ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲଢ଼େଇ କରିବେ ବୋଲି କହିଥିଲେ । ଏଥି ସହିତ ୨ଦିନ ପୂର୍ବରୁ ବ୍ଲକର ବିଡିଓଙ୍କୁ ଜିଲ୍ଲାପାଳ ସ୍ଥାନାନ୍ତର କରିଥିବାରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେଇଥିଲେ ।

# ବୋଲେର ପଛଚକା ଫାଟିଲା ଭାରସାମ୍ୟ ହରାଇ ଓଲଟିଲା ବୋଲେର : ୧୦ ଆହତ



ବସ୍ତା,୩/୧୧ (ନି.ପ୍ର): ଷାଠିଏ ନଂ ଜାତୀୟ ରାଜ ପଥ ର ଆଜି ସକାଳ ୧୧ଟା ସମୟରେ ପଶ୍ଚିମବଙ୍ଗ ରୁ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳ ର ହିଡିଙ୍ଗି ଗ୍ରାମରକୁ ଏକ ବୋଲେର ନଂ ODOIA ୯୬୮୫ ଆସୁଥିବା ବେଳେ ଷାଠିଏନଂ ଜାତୀୟ ରାଜପଥର ଗୁଡିଖାଲ ନିକଟରେ ଉକ୍ତ ବୋଲେରର ପଛ ଚକ ଫାଟିଯିବା କାରଣରୁ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା ଫଳରେ ଉକ୍ତ ଗାଡିରେ ଥିବା ଲୋକମାନେ ଆହତ ହୋଇଥିବା ଜଣାପଡିଛି । ଆହତ ମାନେ ହେଲେ ଚନ୍ଦିପୁର ଥାନାର ହଡଙ୍ଗି ଗ୍ରାମର ରିପୁଦମନ ଦାସ ବୟସ ୫୫, ମାମା ଦାସ ୨୨, ସମରଦିପ ଦାସ ୨, ଅନୁରାଧା ଦାସ ୫୫, ରିତିସା ଦାସ ୧୦, ସେଫାଳୀ ଦାସ ୩୪, ସୁପ୍ରିୟା ଦାସ ୨୪, ଅରିଗି ଦାସ ୨,ସସ୍ମିତା ୧୯, କିଶାନ ଦାସ ୨ ବର୍ଷ । ଖବର ପାଇ ଜାତୀୟ ରାଜ ପଥ ବ୍ୟବହୃତ ଆମ୍ବୁଲେନସ ଉକ୍ତ ଘଟଣାସ୍ଥଳରୁ ଆହତ ବ୍ୟକ୍ତି ମାନଙ୍କୁ ବାଲେଶ୍ୱର ଡାକ୍ତର ଖାନା ଭର୍ତ୍ତୀ କରିଥିବା ଜଣାପଡିଛି ଖବର ଲେଖା ପର୍ଯ୍ୟନ୍ତ ବସ୍ତା ପୋଲିସ କୌଣସି କେଶ ରୁଜୁ ହୋଇନାହିଁ ।

# ମେଗା ଚକ୍ଷୁ ପରୀକ୍ଷା ଶିବିର ପାଇଁ ପ୍ରସ୍ତୁତି ବୈଠକ



ଉଦଳା,୦୩/୧୧(ନି.ପ୍ର)- ସ୍ୱେଚ୍ଛାସେବୀ ସଂଗଠନ ଆମେ ଭଞ୍ଜ କଳାକାର ତରଫରୁ ରାସଗୋବିନ୍ଦପୁର ସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସା ଓ ଗବେଷଣା କେନ୍ଦ୍ର ସହାୟତାରେ ଚଳିତ ନଭେମ୍ବର ୯ ତାରିଖ ମଙ୍ଗଳବାର ଦିନ ଉଦଳା ଠାରେ ମେଗା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ର ପ୍ରଚାର ଚୟନ ପାଇଁ ଏକ ଶିବିର ଆୟୋଜନ କରାଯାଇଛି । ବିନା ମୂଲ୍ୟରେ ସବୁ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ପାଇଁ ଉକ୍ତ ଶିବିରରେ ବ୍ୟବସ୍ଥା ଥିବା ବେଳେ ରୋଗୀ ମାନେ ସାଙ୍ଗରେ ଆଧାର କାର୍ଡ଼, ରେସନ କାର୍ଡ଼ ଓ ବିଜୁ ସ୍ୱାସ୍ଥ୍ୟକାର୍ଡ଼ ଆଣିବାକୁ କୁହାଯାଇଛି । ମୋତିଆବିନ୍ଦୁ ଅସ୍ତ୍ର ପ୍ରଚାର ପାଇଁ ଯେଉଁ ମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ରାସଗୋବିନ୍ଦପୁର ସ୍ଥିତ ଚିକିତ୍ସଳୟକୁ ନିଆଯାଇ ଅସ୍ତ୍ର ପ୍ରଚାର କରାଯିବ ବୋଲି ଅବଗତ କରାଯାଇଛି । ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସା ଓ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ ଉକ୍ତ ଶିବିର ଆୟୋଜନର ନେତୃତ୍ୱ ନେଉଥିବା ବେଳେ ଆମେ ଭଞ୍ଜ କଳାକାରର ସଭାପତି କ୍ଷୀରୋଦ ମହାନ୍ତି ସବୁ ପ୍ରକାର ସହଯୋଗ କରୁଥିବାର ଜଣାଯାଇଛି । ଆମେ ଭଞ୍ଜକଳାକାରର ସମ୍ପାଦକ ସତ୍ୟ ରଂଜନ ମହାନ୍ତି ସକାଳ ୯ ଘଟିକାରେ ରେଜିଷ୍ଟ୍ରେସନ ଆରମ୍ଭ ହେବ ବୋଲି ସୂଚନା ଦେବା ସହିତ ଶିବିର ପରିଚାଳନାର ସମସ୍ତ ଦାୟିତ୍ୱ ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ଦାସଙ୍କୁ ଅର୍ପଣ କରାଯାଇଥିବାର ଜଣାଇଛନ୍ତି । ତେବେ ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହିଁଲେ ଫୋନ ନମ୍ବର- ୯୪୩୭୪୪୩୮୦ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି ।

# କନିଷ୍ଠ ଶିକ୍ଷକଙ୍କୁ ନୂତନ ଚୁକ୍ତିଭିତ୍ତିକ ନିୟମ ଅଧିନକୁ ନେବାକୁ ଦାବି



ବାରିପଦା,୩/୧୧ (ନି.ପ୍ର): ଓଡିଶା କନିଷ୍ଠ ଶିକ୍ଷକ ସଂଘ ବାରିପଦା ଶାଖା ପକ୍ଷରୁ କନିଷ୍ଠ ଶିକ୍ଷକଙ୍କୁ ନୂତନ ଚୁକ୍ତିଭିତ୍ତିକ ନିୟମ ଅଧିନକୁ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦୁଇ ଦଫା ଦାବି ସମ୍ବଳିତ ଦାବୀପତ୍ର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ଦାବୀ ପତ୍ରରେ କନିଷ୍ଠ ଶିକ୍ଷକଙ୍କୁ ନୂତନ ଚୁକ୍ତିନାମା ନିୟମ ୨୦୧୩ରେ ସାମିଲ ଓ ଅତିକୁଶଳୀ ବର୍ଗର ଶିକ୍ଷକଙ୍କୁ ସର୍ବନିମ୍ନ ମାସିକ ୧୬ହଜାର ଟଙ୍କା ବେତନ ପ୍ରଦାନ ଦାବି ରହିଛି । ସମାଜର ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଉଥିବା ଶିକ୍ଷକ ମାନେ ଅବହେଳିତ ହୋଇ ରହିଛନ୍ତି । ସମଗ୍ର ଶିକ୍ଷା ଅଧୀନରେ ପ୍ରଥମରୁ ଯୁକ୍ତ ଦୁଇ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ମାଧମିକ ଓ ଉଚ୍ଚ ମାଧମିକ ବର୍ଗ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଇଥିଲା ବେଳେ ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକ ମାନଙ୍କୁ ସେଥିରୁ ବାଦ ଦିଆଯାଇଛି । ମାସକୁ ମାତ୍ର ୬ହଜାର ୫୯୨ ଟଙ୍କା ପାଇ କାର୍ଯ୍ୟ କରୁଥିବା ବେଳେ ବଜାର ଦରଦାମ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନେଇ ଚାଲିବା କଷ୍ଟକର ହୋଇପଡ଼ିଲାଣି । ଗତ କ୍ୟାବିନେଟ ବୈଠକରେ ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କ ପାଇଁ ଚୁକ୍ତିଭିତ୍ତିକ ନିୟମ ସଂଶୋଧନ ହୋଇ ବିଭିନ୍ନ ସ୍ତରରେ କର୍ମଚାରୀଙ୍କ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳୁଥିବା ସ୍ଥଳେ କନିଷ୍ଠ ଶିକ୍ଷକ ମାନଙ୍କୁ ବାଦ ଦିଆଯାଇଅଛି । ଆମେ ୨୦୧୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ହେଲା ପାରିଶ୍ରମିକ ବୃଦ୍ଧି ପାଇଁ ସରକାରଙ୍କୁ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ ସରକାର କନିଷ୍ଠ ଶିକ୍ଷକ ମାନଙ୍କର ପାରିଶ୍ରମିକ ବୃଦ୍ଧି କରିନାହାନ୍ତି । ତେଣୁ ନୂତନ ଚୁକ୍ତିନାମା ନିୟମରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ମାନଙ୍କୁ ସାମିଲ କରିବା ସହିତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତିକୁଶଳୀଙ୍କ ଦରମା ସର୍ବନିମ୍ନ ୧୬,୦୦୦ ଟଙ୍କା ଲାଗୁ କରିବା ସହ, ଏହାକୁ ଗତ ୨୦୧୬ରୁ ଲାଗୁ କରିବାକୁ ଦାବି କରିଛନ୍ତି । ତେବେ ଏହି ଦାବି ପୂରଣ ନହେଲେ ଆଗକୁ ନିଜ ହକ ପାଇବା ନିମନ୍ତେ କନିଷ୍ଠ ଶିକ୍ଷକ ମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ମଧ ଚେତାବନୀ ଦେଇଛନ୍ତି । ସଂଘ ସଭାପତି ମାମିନା ଘୋଷ ଓ ସମ୍ପାଦକ ଦୀପଞ୍ଜଳି ବିଶ୍ୱାଳଙ୍କ ନେତୃତ୍ୱରେ ଲଲାଟ କେଶରୀ ସି, ସ୍ମୃତି ରଞ୍ଜନ ସାହୁ, ଶୁଭଶ୍ରୀ ସେନାପତି, ପ୍ରିୟଙ୍କା ସାହୁ, ଅଙ୍କିତା ଦାସ, ଶୁଭଶ୍ରୀ ନାୟକ, ସୁସ୍ମିତା ସେନାପତି, ଭାନୁପ୍ରିୟା ଦାସ, ଉପାସନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।



# ଦୀପଦାନର ମହାପର୍ବ : ଦୀପାବଳି

**ପ୍ରତ୍ୟେକ ଧର୍ମ ସଂସ୍କୃତିରେ ଦୀପ ପ୍ରଜ୍ୱଳନକୁ ଏକ ମଙ୍ଗଳମୟ କାର୍ଯ୍ୟ ବୋଲି ଗ୍ରହଣ କରାଯାଇଥାଏ । ହିନ୍ଦୁ ଧର୍ମ ଅନୁସାରେ ଦାନ ଦିଆଯାଇ ଧର୍ମ ଅର୍ଜନ କରାଯାଏ ବୋଲି ବିଶ୍ୱାସ ରହିଛି । ଦାନ କରିବା ଦ୍ୱାରା ସୁଖ, ସ୍ୱର୍ଗ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । ଧର୍ମୀୟ ଓ ସାମାଜିକ ପରମ୍ପରାରେ ଭୂଦାନ, କନ୍ୟାଦାନ,ଗୋଦାନ, ପିଣ୍ଡଦାନ, ଅନ୍ନଦାନ, ବିଦ୍ୟାଦାନ,ଜଳଦାନ, ଦୀପଦାନର ପ୍ରଶସ୍ତି ରହିଛି । ଏ ସମସ୍ତ ଦାନ ମଧ୍ୟରୁ ଭାରତୀୟ ଜନମାନସରେ ଦୀପଦାନ ଏକ ପରମ ପୁଣ୍ୟ ପ୍ରଥା ଓ ପରମ୍ପରା । ଦୀପ ମନୁଷ୍ୟର ଆତ୍ମିକ ଜ୍ୟୋତି ତଥା ଉତ୍ତରାୟଣର ପ୍ରତୀକ । ଭାରତୀୟ ସଂସ୍କୃତି ଦୀପକୁ ପାପର ବିନାଶ ରୂପେ ସର୍ବଶ୍ରେଷ୍ଠ ଆସନରେ ଅଧିଷ୍ଠିତ କରିଛି । ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଏ । ଦୀପ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ।**

ପ୍ରତ୍ୟେକ ଧର୍ମ ସଂସ୍କୃତିରେ ଦୀପ ପ୍ରଜ୍ୱଳନକୁ ଏକ ମଙ୍ଗଳମୟ କାର୍ଯ୍ୟ ବୋଲି ଗ୍ରହଣ କରାଯାଇଥାଏ । ହିନ୍ଦୁ ଧର୍ମ ଅନୁସାରେ ଦାନ ଦିଆଯାଇ ଧର୍ମ ଅର୍ଜନ କରାଯାଏ ବୋଲି ବିଶ୍ୱାସ ରହିଛି । ଦାନ କରିବା ଦ୍ୱାରା ସୁଖ, ସ୍ୱର୍ଗ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । ଧର୍ମୀୟ ଓ ସାମାଜିକ ପରମ୍ପରାରେ ଭୂଦାନ, କନ୍ୟାଦାନ,ଗୋଦାନ, ପିଣ୍ଡଦାନ, ଅନ୍ନଦାନ, ବିଦ୍ୟାଦାନ, ଜଳଦାନ, ଦୀପଦାନର ପ୍ରଶସ୍ତି ରହିଛି । ଏ ସମସ୍ତ ଦାନ ମଧ୍ୟରୁ ଭାରତୀୟ ଜନମାନସରେ ଦୀପଦାନ ଏକ ପରମ ପୁଣ୍ୟ ପ୍ରଥା ଓ ପରମ୍ପରା । ଦୀପ ମନୁଷ୍ୟର ଆତ୍ମିକ ଜ୍ୟୋତି ତଥା ଉତ୍ତରାୟଣର ପ୍ରତୀକ । ଭାରତୀୟ ସଂସ୍କୃତି ଦୀପକୁ ପାପର ବିନାଶ ରୂପେ ସର୍ବଶ୍ରେଷ୍ଠ ଆସନରେ ଅଧିଷ୍ଠିତ କରିଛି । ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଏ । ଦୀପ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ସେଥିପାଇଁ ଭାରତୀୟ କୀମ୍ବଦନ୍ତୀ ଓ ଜନମାନସରେ ଦୀପଦାନ ମହାପୁଣ୍ୟ ଭାବେ ସ୍ୱୀକୃତ । କାର୍ତ୍ତିକ ମାସରେ ଦୀପଦାନ କରୁଥିବା ଶ୍ରଦ୍ଧାଳୁ ଅସୀମ ପୁଣ୍ୟ ଅର୍ଜନ କରିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି ।

ଦୀପ ଅଗ୍ନିଙ୍କ ପ୍ରତୀକ । ଦୀପ ଜଳାଇବା ଅର୍ଥ ଅଗ୍ନି ଦେବଙ୍କୁ ଆମନ୍ତ୍ରଣ କରିବା । ମନୁଷ୍ୟର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟତା ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ । ବେଦ କହେ ଅଗ୍ନି ଓ ଜଳର କ୍ରୀଡାରୁ ଜୀବଜଗତର ସୃଷ୍ଟି । ଅଗ୍ନି ଓ ଜଳ ମଧ୍ୟ ବିନାଶର କାରଣ ହୋଇଥାଆନ୍ତି । ଦୀପ ଜଳାଇଲେ ଆଲୋକ ବା ଜ୍ୟୋତି ବିଚ୍ଛୁରିତ ହୁଏ । ଉପନିଷଦ କହେ ଆମ ହୃଦୟ ଅଜ୍ଞାନ ଅନ୍ଧକାରର ଗନ୍ତାଘର । ଜ୍ୟୋତି ଜ୍ଞାନର ପ୍ରତୀକ । ଦୀପ ଅଜ୍ଞାନରୂପୀ ଅନ୍ଧକାରକୁ ଦୂର କରି ଆମ ଭିତରେ ଜ୍ଞାନର ବର୍ତ୍ତିକା ଜାଗ୍ରତ କରିଥାଏ । ତେଣୁ ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଅଟେ , ନିରାଶାରୁ ଆଶାର ଦ୍ୟୋତକ ଅଟେ ।

ନିଜ ଭିତରେ ଥିବା ଅଜ୍ଞାନ ଓ ଆଳସ୍ୟ ଭାବ ଦୂର କରି ବିକାଶ ପଥର ଯାତ୍ରୀ ହେବା ପାଇଁ ଦୀପଶିଖା ଶିକ୍ଷା ଦିଏ । ଦୀପ ସୃଷ୍ଟି , ସ୍ଥିତି ଓ ବୈଭବର ପ୍ରତୀକ । ଦୀପ ଜ୍ୟୋତି ପୁଣି ପାପ ବିନାଶକ । ଏହି ସୃଷ୍ଟି ପାଞ୍ଚୋଟି ମହାଭୂତିକୁ ନେଇ ପ୍ରତିଷ୍ଠିତ । ସେମାନେ ହେଲେ ଜଳ, ସ୍ଥଳ, ଆକାଶ, ବାୟୁ ଓ ଅଗ୍ନି । ପଞ୍ଚ ମହାଭୂତ ମଧ୍ୟରୁ ମାଟି ହେଉଛି ଗୋଟିଏ । ମାଟି ନିର୍ମିତ ଦୀପଟି ମନୁଷ୍ୟ ଶରୀରର ପ୍ରତୀକ ଅଟେ । ମନୁଷ୍ୟର ରକ୍ତ , ମାଂସ ଶରୀରକୁ ମାଟି ପିଣ୍ଡ ବୋଲି କୁହାଯାଏ । ଦୀପରେ ତେଲ ବା ଘିଅ ଦେଲେ ତାହା ଜଳେ । ମନୁଷ୍ୟର ଏହି ମାଟି ସଦୃଶ ଦେହରେ ତା'ର ଜୀବନୀ ଶକ୍ତି ହିଁ ତେଲ ସଦୃଶ । ଦୀପ ଜଳାଇବା ଦ୍ୱାରା ମନୁଷ୍ୟ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ । ତେଣୁ ଦୀପକୁ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ । ଏହି ଦୀପ ଆମକୁ ଅସତ୍ୟ , ଅହିଂସା ଓ ଅନୀତିଠାରୁ ଦୂରେଇ ସତ୍ ପଥରେ ଚାଲିବାର ମାର୍ଗ ଦେଖାଇଥାଏ । ଅସତ୍ୟରୁ ସତ୍ୟ , ଅନ୍ଧକାରରୁ ଆଲୋକ ଓ ମୃତ୍ୟୁରୁ ଅମୃତ୍ୟୁକୁ ଦୀପ ନେଇଥାଏ ।

ଦୀପ ବିଭିନ୍ନ ପ୍ରକାରର ଯଥା ; ଏକମୁଖୀ , ତ୍ରୟମୁଖୀ, ଷଡମୁଖୀ, ସପ୍ତମୁଖୀ,ଏକଶତ ଆଠମୁଖୀ ଓ ସହସ୍ରମୁଖୀ । ତ୍ରିନାଥ ପୂଜା ସମୟରେ ତ୍ରୟମୁଖୀ ଦୀପ , ଦେବାଦେବୀ ମନ୍ଦିରରେ ଆରତୀ ସମୟରେ ପଞ୍ଚମୁଖୀ ଦୀପ, କାର୍ତ୍ତିକେୟଙ୍କ ପୂଜା ବିଧିରେ ଷଡମୁଖୀ ଦୀପ , ବିବାହ କର୍ମରେ ସପ୍ତମୁଖୀ ଦୀପ , ଆଶ୍ୱିନ ମାସ ଦୁର୍ଗାପୂଜା ଓ ମଙ୍ଗଳା ଓଷାରେ ଏକଶତ ଆଠମୁଖୀ ଦୀପ , ରୁଦ୍ରାଭିଷେକ ସମୟରେ ଏକଶତ ଏକୋଇଶିମୁଖୀ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ଥିବା ମହିମା ଗୋସାଇଁ ପୀଠରେ ବର୍ତ୍ତମାନ ମଧ ଅଖଣ୍ଡ ଦୀପ

ପ୍ରଜ୍ୱଳିତ ହେଉଛି । ପୁରୀ ଶ୍ରୀମନ୍ଦିରରେ ପ୍ରତି ଏକାଦଶୀରେ ମହତ ଉଦ୍ଦେଶ୍ୟରେ ମହାଦୀପ ଉଠେ । ପବିତ୍ର କାର୍ତ୍ତିକ ମାସରେ ଆକାଶ ଦୀପ ଜଳାଯିବାର ପରମ୍ପରା ରହିଛି । ପିତୃପୁରୁଷ ତଥା ପ୍ରେତପୁରୁଷଙ୍କ ଅନ୍ଧକାରଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଓଡ଼ିଶାର ଘରେ ଘରେ ତୁଳସୀ ଚଉରା ନିକଟରେ ଆକାଶ ଦୀପ ଜଳାଯାଏ । ଏହି ଦୀପ ଜଳାଇବା ଦ୍ୱାରା ଘରର ପରିବେଶ ପବିତ୍ର ତଥା ସକରାତ୍ମକ ଉର୍ଜା ଶକ୍ତିରେ ଭରପୁର ହୋଇଥାଏ । ଯେଉଁମାନେ ମାସ ସାରା ଆକାଶ ଦୀପ ଜଳାଇ ପାରନ୍ତି ନାହିଁ ସେମାନେ କାର୍ତ୍ତିକ ପଞ୍ଚକ ପାଞ୍ଚ ଦିନ ଆକାଶ ଦୀପ ପ୍ରଜ୍ୱଳନ କରିଥାନ୍ତି । ଆକାଶ ଦୀପ ପ୍ରଜ୍ୱଳନ ସତ୍ୟ, ଦିବ୍ୟ ଚେତନା ଓ ଆଶାର ସଂକେତ ବହନ କରିଥାଏ ।

ଆନନ୍ଦ ଓ ଆଲୋକର ଉତ୍ସବ ଦୀପାବଳିର ଆଦର୍ଶ ଏବଂ ଆବେଦନ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗରିମାମୟ । ବହୁ କୀମ୍ବଦନ୍ତୀ ଓ ବିଶ୍ୱାସ ଧାରା ସହ ଆନନ୍ଦର ପର୍ବ ଦୀପାବଳି ଜଡ଼ିତ । ଦୀପାବଳି ପର୍ବର ଅର୍ଥ ଦୀପ ସମୂହ । ଏହା ଦୀପ ଓ ଆବଳୀ ଶବ୍ଦର ସମାହାର । ଜୀବଜଗତରୁ ଅନ୍ଧକାର ରୂପକ ଅନ୍ୟାୟ , ଭ୍ରଷ୍ଟାଚାର, ଦୁର୍ନୀତି ଓ ହତ୍ୟା ଦୂର କରି ଆଲୋକ ରୂପକ ଶାନ୍ତିର ଛାୟା ବିଛାଇ ହୋଇ ରହୁ ଏହା ହିଁ କାମନା ବା ଦୀପାବଳିର ମୂଳ ଉଦ୍ଦେଶ୍ୟ । ଭାରତ ବର୍ଷରେ ପାଳନ କରା ଯାଉଥିବା ପର୍ବପର୍ବାଣୀ ମଧ୍ୟରେ ଦୀପାବଳିର ସାମାଜିକ ଓ ଧାର୍ମିକ ଦୃଷ୍ଟିକୋଣରୁ ଅଧିକ ମହତ୍ତ୍ୱ ରହିଛି । ଏହାକୁ ଦୀପସୋବ ମଧ କୁହାଯାଏ । ଆମ ରାଜ୍ୟରେ କାର୍ତ୍ତିକ ମାସର କୃଷ୍ଣ ତ୍ରୟୋଦଶୀଠାରୁ ଆରମ୍ଭ କରି ଶୁକ୍ଳପକ୍ଷ ଦ୍ୱିତୀୟା ଯାଏଁ ଆଲୋକର ପର୍ବ ଦୀପାବଳି ପାଳିତ ହୁଏ । ଏଥିମଧ୍ୟରୁ କାର୍ତ୍ତିକ ଅମାବାସ୍ୟାଟିକୁ ବଡ଼ ଦୀପାବଳି ରୂପେ ପାଳନ କରାଯାଏ ।

କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ଆବାହନ କରାଯାଇଥାଏ ଓ ପିତୃପୁରୁଷଙ୍କୁ ପିଣ୍ଡଦାନ ଓ ଶ୍ରାଦ୍ଧ ପୂର୍ବକ ବଡ଼ବଡିଆ ଡକାଯାଏ । ଏହାର ପୂର୍ବଦିନ ଅର୍ଥାତ୍ କୃଷ୍ଣ ଚତୁର୍ଦ୍ଦଶୀକୁ ଛୋଟ ଦୀପାବଳି ବୋଲି କୁହାଯାଏ । ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ କେବଳ ଅମାବାସ୍ୟା ଦିନ ହିଁ ଦୀପାବଳି ପର୍ବର ପ୍ରାଧାନ୍ୟତା ରହିଥାଏ । କେବଳ ହିନ୍ଦୁମାନେ ନୁହଁନ୍ତି ; ଶିଖ୍ , ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ମଧ ଏହାକୁ ପାଳନ କରିଥାନ୍ତି । ଅନ୍ଧକାର ଉପରେ ଆଲୋକର ଏହି ବିଜୟର ପର୍ବ ସମାଜରେ ଉଲ୍ଲାସ, ଭାତୃତ୍ୱ ଓ ପ୍ରେମର ବାର୍ତ୍ତା ପରିବ୍ୟାପ୍ତ କରିଥାଏ । ସାମୂହିକ ଓ ବ୍ୟକ୍ତିଗତ ଭାବେ ପାଳନ କରାଯାଉଥିବା ଏଭଳି ଏକ ବିଶିଷ୍ଟ ପର୍ବ ; ଯାହା ଧାର୍ମିକ , ସାଂସ୍କୃତିକ ଓ ସାମାଜିକ ବିଶେଷତ୍ୱ ରଖିଥାଏ ।




ସାଇପ୍ରସାଦ ସାହୁ
ସିନ୍ଧେକେଲା ,ବଲାଙ୍ଗୀର
ମୋ: ୯୯୩୭୦୩୪୭୪୨


# ଦୀପଜ୍ୟୋତି ପରଂବ୍ରହ୍ମ

ଭାରତୀୟ ସଂସ୍କୃତର ବିଶିଷ୍ଟ ସଂସ୍କାର ହେଉଛି ଉତ୍ସବ ଓ ପର୍ବ-ପର୍ବାଣୀ । ଜୀବନରେ ମିଳିମିଶି ଆନନ୍ଦ ପାଇବା ହିଁ ପର୍ବ ପର୍ବାଣୀର ମୂଳ ଲକ୍ଷ୍ୟ । ସେ ଦୃଷ୍ଟିରୁ ଦୀପାବଳି ଆମ ସଂସ୍କୃତିର ଉଚ୍ଚ ଗରିମାରେ ଯୁକ୍ତ ମହାନ ସାଂସ୍କୃତିକ ପର୍ବ । ଯୁଗ ଯୁଗ ଧରି ଜ୍ଞାନର ଏହି ଆଲୋକ ପ୍ରବାହ କେତେ କେତେ ସଭ୍ୟତାକୁ ପ୍ରଦୀପ୍ତ କରିଆସିଛି ।ଯେଉଁଠି ଦୀପାବଳି ଅମଙ୍ଗଳ ଉପରେ ମଙ୍ଗଳର ବିଜୟ ଏବଂ ଭାତୃତ୍ୱ,ବନ୍ଧୁତ୍ୱ ଭାବର ପର୍ବ ସେହି ପରିସ୍ଥିତିରେ ଆଶା ରୂପୀ ଦୀପ ପ୍ରଜ୍ୱଳିତ କରି ନିରାଶା ଭରା ଅନ୍ଧକାରକୁ ଦୂର କରିବାର ପ୍ରବୃତ୍ତିର ଉତ୍ସବ ଅଟେ । ଭାରତ ବର୍ଷରେ ବହୁ ପୁରାତନ କାଳରୁ ଦୀପ ଦାନର ପରମ୍ପରା ଅନ୍ଧକାରରୁ ପ୍ରକାଶର ବିଜୟ ସ୍ମୃତିରେ କାଳର ସୀମାକୁ ଅତିକ୍ରମ କରି ନିରନ୍ତର ପାଳିତ ହୋଇଚାଲିଛି । ଦୀପର ଆଲୌକିକ ସୌନ୍ଦର୍ଯ୍ୟ ସମସ୍ତ ପ୍ରକାର ଧାର୍ମିକ ଅନୁଷ୍ଠାନକୁ ନିର୍ମଳ କରିଛି । ଅନେକ ପ୍ରକାର ସାମାଜିକ ପର୍ବରେ ଦୀପ ଦାନର ମହତ୍ତ୍ୱ ପୁରାତନ କାଳରୁ ମଙ୍ଗଳମୟ ବୋଲି ମାନି ଆସିଛନ୍ତି । ଆମ ସନାତନ ସଂସ୍କୃତିରେ ଦୀପକୁ ବ୍ରହ୍ମର ସ୍ୱରୂପ କୁହାଯାଏ । ଦୀପ ଦାନର ସମ୍ପର୍କ ଜୀବନ ଥିବା ପର୍ଯ୍ୟନ୍ତ ସୁଖ ସମୃଦ୍ଧି ସହିତ ଯୋଡିହୋଇ ରହିଥାଏ । ଧର୍ମଗ୍ରନ୍ଥ ଅନୁସାରେ ଆମେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁ,'ତମସୋ ମା' ଜ୍ୟୋତିର୍ଗମୟ' । ଅର୍ଥାତ ମୋତେ ଅଜ୍ଞାନ ଅନ୍ଧକାରରୁ ଜ୍ଞାନର ପ୍ରକାଶ ଦିଗକୁ ନେଇଚାଲ । ଅଜ୍ଞାନର ଅନ୍ଧକାର କେବଳ ଜ୍ଞାନର ପ୍ରକାଶ ହିଁ ଦୂର କରିପାରେ । ସେଥିପାଇଁ ଦୀପ ପର୍ବ ସମାଜର ପ୍ରତ୍ୟକ ମନୁଷ୍ୟଙ୍କର ଅଜ୍ଞାନତା ଦୂର କରିବାରେ ବିଶେଷତା ରଖିଥାଏ । ଦୀପ ପର୍ବରେ ଘରେ ଘରେ ପ୍ରତିଟି ଦ୍ୱାରରେ ଝଲମଲ ହେଉଥିବା ମାଟିର ଦୀପ କୋଟି କୋଟି ବର୍ଷର ଲମ୍ବା ଯାତ୍ରା ଅତିକ୍ରମ କରି ସାରିଛି । ଆମ ପୁରାଣ,ବେଦ, ଉପନିଷଦରେ ମଧ ଦୀପଦାନ ପର୍ବର ଗୁଣଗାନ ବର୍ଣ୍ଣିତ ଅଛି । ସ୍କନ୍ଦ ପୁରାଣରେ କାର୍ତ୍ତିକ ମାସରେ ସ୍ନାନ ପରେ ଭଗବାନ ବିଷ୍ଣୁଙ୍କ ମନ୍ଦିର ଶିଖର ରେ ଦୀପ ପ୍ରଜ୍ୱଳନ ହେବା ଉଲ୍ଲେଖ ଅଛି । ବୃକ୍ଷ,ସରୋବର, ନଦୀରେ ମଧ ଦୀପ ଦାନ କରାଯାଏ ଯାହା ଆଜି ଅବ୍ୟାହତ ରହିଛି । ବୈଦିକ ଯୁଗରେ ପ୍ରତ୍ୟକ ଧାର୍ମିକ କାର୍ଯ୍ୟରେ ମାଟିର କଳାତ୍ମକ ଦୀପ ଜଳେଇବାର ପ୍ରଥା ପ୍ରଚଳିତ ହୋଇଆସିଛି । ସେ ସମୟରେ ବି ବିଶେଷ ସମାରୋହରେ ଘରେ ଘରେ ଦୀପ ଜାଳି ପ୍ରକାଶିତ କରିବା ବର୍ଣ୍ଣନା କରାହୋଇଛି । ପଦ୍ମ ପୁରାଣ ଅନୁସାରେ ଦୀପାବଳି ପର୍ବ ବହୁଦିନ ଯାଏ ମାଟି ନିର୍ମିତ ଛୋଟ ଛୋଟ ମାଟି ଦୀପ ଜାଳି ପାଳନ କରାହେଉଥିଲା । ସେହିପରି ମହାଭାରତର ଅନୁଶାସନ ପର୍ବରେ କୁହାହୋଇଛି, ଲୋକ ମାନେ ଦୀପକୁ ପଂକ୍ତିବଦ୍ଧ ଭାବେ ସଜେଇ ଦୀପ ଦାନର ପର୍ବ ପାଳନ କରୁଥିଲେ । ଦୀପ ଅନେକ ବିଶେଷତ୍ୱର ପ୍ରତୀକ ଅଟେ । ଯଥା- ନିଜ ମନକୁ ପ୍ରକାଶିତ କରିବାରେ, ଜ୍ଞାନ ଆହରଣ କରିବାରେ,ଭକ୍ତି ରସ ରେ ବିଭୋର ହେବାରେ । ପରନ୍ତୁ ବର୍ତ୍ତମାନ ଲୋକମାନେ ଭୌତିକ ଯୁଗରେ ଦୀପଦାନର ପର୍ବ ଭିତରେ ଛପି ରହିଥିବା ବାସ୍ତବିକତାକୁ ଭୁଲି ଯିବାକୁ ବସିଲେଣି । ଏବେ କାମ, କ୍ରୋଧ, ମୋହ,ବାସନା, ହିଂସା,ଆତଙ୍କବାଦ ଆଦିର ମାୟାବୀ ରାକ୍ଷସ ମାନବ ସମାଜ ଉପରେ ଏମିତି ଗ୍ରାସି ଯାଇଛି ଯେ ସେଥିରୁ ମୁକୁଳିବା ଅସମ୍ଭବ ହୋଇପଡିଛି । ଏଭଳି ପରିସ୍ଥିତିରେ ଜ୍ଞାନର ପ୍ରକାଶ ବୋଧହୁଏ ବ୍ୟର୍ଥ ପରିସ୍ଥିତିରୁ ମୁକୁଳିବାର ମାର୍ଗ ଦେଖାଇପାରିବ । ସେଥିପାଇଁ ଆବଶ୍ୟକ ଦୀପର ସନ୍ଦେଶକୁ ଆତ୍ମସାତ କରି ମାୟାବୀ ରାକ୍ଷସଙ୍କ ସହିତ ଲଢ଼ି ବିଜୟ ପ୍ରାପ୍ତ କରିବା । ଦୀପ ଦାନର ବାସ୍ତବିକ ମର୍ମ ଆମଠାରୁ ସମସ୍ତ କ୍ଳେଶ, ବିକାର,ଅନୀତି ଓ କଷ୍ଟରୁ ମୁକ୍ତି । ଶାସ୍ତ୍ରରେ ଦୀପକୁ ବ୍ରହ୍ମ ସ୍ୱରୂପ ବୋଲି ମାନିଥାଆନ୍ତି । ପ୍ରକାଶ ଜ୍ଞାନର ସୂଚକ ଏବଂ ଦୀପ ସାଧନାର ପ୍ରତୀକ । ଆମ ଜୀବନରେ ଶୀଳ,ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧି ସେଇବେଳେ ସାର୍ଥକ ହୋଇଥାଏ ଯେବେ ଜ୍ଞାନ ଓ ସାଧନା ଦ୍ୱାରା ଜୀବନ ପଥକୁ ଆଲୋକିତ କରିହୁଏ । ଦୀପ ଦାନର ପ୍ରକାଶ ହିଁ ବାହ୍ୟ ଜୀବନର ବିଭୁତି ଏବଂ ବୈଭବରେ ସମ୍ପନ୍ନ,ସକ୍ଷମ କରିବାରେ ସମର୍ଥ ହୋଇଥାଏ । ଜନତାଙ୍କର ଜାଗୃତି ହିଁ ଦୀପଦାନର ପର୍ବ । ଆମେ ପ୍ରତିଦିନ ଦୀପରେ ସଳିତା ଦେଇ ଜଳେଇଥାଉ । ପ୍ରାଣଦାତା ଭୁବନ ଭାସ୍କରଙ୍କ ପ୍ରକାଶରେ ଜୀବରେ ଜୀବନ ସଂଚାର ହୋଇଥାଏ । ତା ପରିବର୍ତ୍ତେ ପ୍ରକାଶଠାରୁ ଦୂରରେ ରହି ଅନ୍ଧାର ମଧ୍ୟରେ କାମନା, ବାସନା,ମୋହ-ମାୟା, ଲୋଭ-କ୍ଳେଶର ଜଞ୍ଜିରରେ ବାନ୍ଧିହୋଇ ରାସ୍ତା ଭୁଲି ଯାଇଛୁ । ଆମମାନଙ୍କର ଚେତନା ସୁସୁପ୍ତ ଅବସ୍ଥାରେ ପଡି ରହିଛି । ଜୀବନର ବାସ୍ତବିକତାରେ ଅପରିଚିତ ହୋଇପଡିଛୁ । ଦୁଃଖ,ଉଦାସ,ସନ୍ତାପ,ଚିନ୍ତା ଭରା ଜୀବନ ଜିଇ ଚାଲିଛୁ । କେବଳ କାନ୍ଥ,ଘର,ଚଟାଣ ସଫା ସୁତୁରା କରି ରଙ୍ଗ ମଡେଇ ରଙ୍ଗୋଲି କାଟିଦେଲେ,ପଟକା ଫୁଟେଇ ବାତାବରଣକୁ ପ୍ରଦ୍ୟୁଷିତ କରି ଖୁସିରେ ମସଗୁଲ ହେଲେ,ଲକ୍ଷ୍ମୀ ଗଣେଶଙ୍କୁ ପୂଜନ କରି ଧନବୃଦ୍ଧିର ଅଭିଳାଷା ରଖିବାର ଦିନ ନୁହେଁ ଇଏ । ଏହାର ମୂଖ୍ୟ ତତ୍ତ୍ୱଦର୍ଶନକୁ ଆତ୍ମସାତ କରି ଜୀବନରେ ଉତ୍କୃଷ୍ଟତା ଉତ୍ପନ୍ନ କରିବା ସହ ସୃଜନାତ୍ମକ ସୁଖମୟ ଜୀବନ ଜିଇବାର ସଂକଳ୍ପିତ ଦିବସ ହେଉଛି ଦୀପ ଦାନର ପର୍ବ ।

**'ଦୀପଜ୍ୟୋତି ପରଂବ୍ରହ୍ମ ଦୀପଜ୍ୟୋତି ଜନାର୍ଦ୍ଦନ**
**ଦୀପୋ ହରତୁ ମେ ପାପଂ ଦୀପୋଜ୍ୟୋତି ନମସ୍ତୁତେ ।'**




ସୁଧାଂଶୁ ଶେଖର ଦ୍ୱିବେଦୀ
+ ବିସି-୭୪ ,ସଲଟ ଲେକ,କଲକାତା-୬୪
ମୋ-୯୬୮ ୧୩୭୩୫୧୨


# କୃଷିଭିତ୍ତିକ ବିଧିରେ ପବିତ୍ର ଦୀପାବଳି




ଅମୂଲ୍ୟ କୁମାର ପଣ୍ଡା


କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ଉତ୍ସବ ପାଳନ କରାଯାଏ । ଏହି ପର୍ବ ପ୍ରାୟ ସମସ୍ତେ ପାଳନ କରନ୍ତି । ଘରେ ଘରେ ସେଦିନ ଦୀପ ଜଳେ, ବାଣ ଫୁଟାଯାଏ ଓ ଶ୍ରାଦ୍ଧ ତର୍ପଣ କରାଯାଏ । ଘରେ ଘରେ ପିଠାପଣା ହୁଏ । ଦୀପାବଳୀ ଉତ୍ସବ ପାଳନ ବିଷୟରେ ନାନାପ୍ରକାର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳୀ ଅମାବାସ୍ୟାକୁ ଲୋକୋକ୍ତିରେ ପୟା ଅମାବାସ୍ୟା କହନ୍ତି । ଏହି ପବିତ୍ର ଦୀପାବଳି କୁ ଆଲୋକର ପର୍ବ ଭାବରେ ପାଳନ କରାଯାଇଥାଏ । ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ ଯାହା ଘରେ ନାନାଦି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ତେବେ ଅନ୍ୟ ସମ୍ପ୍ରଦାୟର ଲୋକ ମାନେ ମଧ ପାଳନ କରନ୍ତି ଏହି ଦୀପାବଳିକୁ । ବିଶେଷ କରି ଶିଖ୍ ସମ୍ପ୍ରଦାୟର ଲୋକଙ୍କର ଏହି ପର୍ବ ଏକ ମୁଖ୍ୟ ପର୍ବ । ଏହା ପଛରେ ଏକ ଐତିହାସିକ କାହାଣୀ ଅଛି । ମୋଗଲ ସମ୍ରାଟ ଔରଙ୍ଗଦେବଙ୍କଦ୍ୱାରା ଶିଖଧର୍ମର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରୀରେ ଆବଦ୍ଧ ହୋଇଥିଲେ । ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ଦୃଢବିରୋଧ ଯୋଗୁଁ ପରିଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତ କରିବା ପାଇଁ ସେତେବେଳେ ସ୍ୱର୍ଣ୍ଣମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହିଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳିଆସୁଛନ୍ତି । ପାରମ୍ପରିକ ଭାବେ ଏହିଦିନରେ ଶିଖମାନେ ଗୋଇନ୍ଦୱାଲ୍ ସାହିବ ଗୁରୁଦ୍ୱାରକୁ ତୀର୍ଥକରି ଯାଆନ୍ତି । ଏହି ଦିନଟିକୁ ଶିଖମାନଙ୍କ ପାଇଁ ଷଷ୍ଠ ଧର୍ମଗୁରୁଙ୍କ ସଂସ୍କରଣ ବନ୍ଦୀଛୋଡ୍ ଦିବସ ରୂପେ ପାଳନକରାଯାଏ । ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ମା କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ ରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ସେହିପରି ଭାରତର ଅନ୍ୟାନ୍ୟ ଅଂଶରେ ଦୀପାବଳୀ ଲକ୍ଷ୍ମୀ ପୂଜାର ସମୟ । ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ । ଏହା ଏହି ସବୁ ଅଞ୍ଚଳରେ ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୁଏ । ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶାଙ୍କ ପୂଜା କରାଯାଏ । ଓଡ଼ିଶାରେ ଏହି ଦୀପାବଳି ଦିନ ବଡ଼ବଡୁଆ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳନ୍ତି । ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି । ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି । କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତି-



ବଡ଼ବଡୁଆ ହୋ.....
ଅନ୍ଧାରରେ ଆସ ଆଲୁଅରେ ଯା',
ପୁରୁଷୋତ୍ତମରେ ମହାପ୍ରସାଦ ଖାଇ
ବାଇଶି ପାବଚ୍ଛେ ଗଡ଼ଗଡାଉ ଥା' ।

ନାନା ପୌରାଣିକ ମତବାଦ, ସଂଯୋଗ ଓ ଧର୍ମୀୟ ବିଶ୍ୱାସ ମଧ୍ୟରେ ବାନ୍ଧି ହୋଇ ରହିଥିବା ଏହି ପର୍ବକୁ ବୈଜ୍ଞାନିକ ଅନୁଶୀଳନ କଲେ ଜଣାପଡ଼େ ଏହା ଏକ କୃଷିଭିତ୍ତିକ ବିଧି । ଯାହା ପ୍ରାଚୀନ କଳିଙ୍ଗର ତାର କୃଷିକ୍ଷେତ୍ର ଓ ତତସହିତ ପୁରପଲ୍ଲୀରେ ପୋକ ନିୟନ୍ତ୍ରଣ ପାଇଁ ଆୟୋଜନ ହେଉଥିଲା । ଧାନର ଏନ୍ତୁଡ଼ିଶାଳ ଓଡ଼ିଶା ଚାଷବାସରେ ସମୃଦ୍ଧ ଥିଲା । ଏହାର ପାରମ୍ପରିକ ଚାଷ ପ୍ରଣାଳୀ ମଧ ବିଜ୍ଞାନ ସମ୍ମତ । ପୂର୍ବକାଳର ରୋଗପୋକ ନିୟନ୍ତ୍ରଣ ପଦ୍ଧତି ଅତି ଉତ୍କୃଷ୍ଟ ଥିଲା ବୋଲି ଆମେରିକାର ଗବେଷକ ଉପନୀତ ହୋଇଛନ୍ତି । ରୋଗପୋକ ଦମନ ପାଇଁ ଓଡ଼ିଆ ମାନେ ନିମ୍ବ ପତ୍ର ଓ ଆଲୋକ ଦିହୁଡ଼ୀର ବହୁଳ ଉପଯୋଗ କରୁଥିବାର ଗବେଷକ ମାନେ ମତ ଦିଅନ୍ତି । ଏ ଦୁଇଟି ଉପାୟ ଏବେ ସୁଦ୍ଧା ବୈଜ୍ଞାନିକଙ୍କ ଦ୍ୱାରା ସର୍ବୋତ୍କୃଷ୍ଟ ବିବେଚିତ ହୋଇଛି । 'ଅନଳ ଦେଖିଣ ପତଙ୍ଗ ଧାବନ୍ତି ହୋଇ ଉଦବେଗ' ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


# ଆଲୋକର ପର୍ବ-ଦୀପାବଳୀ



ପ୍ରାଚୀନ କାଳରୁ ଆମର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ଆସିଛି । ଏହି ସ୍ୱତନ୍ତ୍ରତା ମଧ୍ୟରେ ପରିଲକ୍ଷିତ ହୁଏ ଆମର ପର୍ବପର୍ବାଣି, ପର୍ବ ପର୍ବାଣୀକୁ ଛାଡିଦେଇ ଆମର ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକତାର ବୈଭବକୁ ମାପିବା ଅସମ୍ଭବ । ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ମୁନି ଋଷିମାନେ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣୀ । ତାହା ମଧ୍ୟରୁ ଦୀପ ବା ପ୍ରଦୀପ ପ୍ରଜ୍ୱଳନ ଶୁଭର ପ୍ରତୀକ ଦୀପାବଳୀ । ଦୀପମାନଙ୍କର ସମୂହ ପଂକ୍ତି ଜାଳି ଯେଉଁ ଉତ୍ସବ କାର୍ତିକ ଅମାବାସ୍ୟାରେ ପାଳିତ ହୁଏ ତାହା 'ଦୀପାବଳୀ' । ହିନ୍ଦୁ ମାନଙ୍କର ସବୁ ପର୍ବ ସହିତ ରହିଛି ପୌରାଣିକ, ଆଧ୍ୟାତ୍ମିକ, ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଜନଶ୍ରୁତି । ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତନ ଘଟଣା ସହିତ ଦୀପାବଳୀ ଉତ୍ସବ ସଂଶ୍ଳିଷ୍ଟ । ଅଯୋଧ୍ୟାବାସୀ ନିଜର ରାଜ୍ୟକୁ ସୁସଜ୍ଜିତ କରି ଦୀପଜାଳି ରାମ-ଲକ୍ଷ୍ମଣ-ସୀତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଭବ୍ୟ ସମ୍ବର୍ଦ୍ଧନାର ସ୍ମାରକୀ ହେଉଛି ଦୀପାବଳୀ । ଏହିଦିନ ନୃସିଂହ ରୂପେ ନାରାୟଣ ହିରଣ୍ୟ କଶ୍ୟପକୁ ବଧ କରି ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ । ସମୁଦ୍ର, ମନ୍ଥନରୁ ଲକ୍ଷ୍ମୀ ଦୀପାବଳୀ ଦିନ ସମ୍ଭୂତା ହୋଇଥିଲେ । ସେଥିପାଇଁ ଏହି ଦିନ ଲକ୍ଷ୍ମୀପୂଜା ମଧ କରାଯାଏ । କାର୍ତିକ ଅମାବାସ୍ୟାରେ ଦୀପାବଳୀ ସହ କାଳୀପୂଜାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଆସୁଛି । ଦୁର୍ଗତିନାଶିନୀ ମହାମାୟା ମହାଚଣ୍ଡୀଙ୍କର ଦଶ ରୂପ ହେଉଛି କାଳୀ, ତାରା, ଭୁବନେଶ୍ୱରୀ, ଷୋଡ଼ଶୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା । ନୃମୁଣ୍ଡମାଳିନୀ, କରାଳ ବଦନା କାଳୀ ସମସ୍ତ ଦାନବୀୟ ଗୁଣକୁ ନାଶ କରି କାଳରାତ୍ରୀ ରୂପେ ଅନ୍ଧାରକୁ ଦୂରେଇ ଆଲୋକ ପ୍ରଦାନ କରି ଥାଆନ୍ତି । ସେଥିପାଇଁ ଆମେ କାଳି ପୂଜା କରିଥାଉ । ଦୀପାବଳୀ ଦିନ ବାମନଙ୍କ ଦୟାରୁ ସପ୍ତ ପାତାଳରେ ବଳିରାଜା ଦ୍ୱାରା ବନ୍ଦିନୀ ଲକ୍ଷ୍ମୀ ଅନ୍ୟ ଦେବତା ମାନଙ୍କ ସହିତ ମୁକ୍ତି ଲାଭ କରିଥିଲେ । ରାଜାବଳୀ କାର୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧ ରାତ୍ରିରେ ପୃଥିବୀ ଭ୍ରମଣ କରିବାକୁ ବାମନଙ୍କଠାରୁ ଅନୁମତି ପାଇଥିଲେ । ବଳିଙ୍କ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷରେ ଥରେ ବଳିଙ୍କୁ ପାଇ ଖୁସିରେ ଦୀପ ଜାଳି ସ୍ୱାଗତ କରିଥାଆନ୍ତି । ଦୀପାବଳୀରେ ଶ୍ରୀକୃଷ୍ଣ ନରକାସୁରକୁ ବିନାଶ କରି ଷୋଳ ହଜାର କନ୍ୟାକୁ ମୁକ୍ତି ପ୍ରଦାନ କରିଥିଲେ । ଏଥିପାଇଁ ଜନସାଧାରଣ ଖୁସିରେ ନରକୋତ୍ସବ ପାଳନ କରିଥାଆନ୍ତି । ଦୀପାବଳୀକୁ ଜୈନମାନେ "ଯକ୍ଷ ରାତ୍ର ଉତ୍ସବ " ଭାବେ ପାଳନ କରିଥାନ୍ତି । ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରି ଗୁପ୍ତାବ୍ଦ ପ୍ରଚଳନ କରିଥିଲେ । ହର୍ଷ ବର୍ଦ୍ଧନ ମଧ ଦୀପାବଳୀ ପାଳନ କରୁଥିବାର ପ୍ରମାଣ ମିଳେ । ଜୈନ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଏହି ଦିନ ନିର୍ବାଣ ଲାଭ କରିଥିଲେ । ଶିଖ୍ ଗୁରୁ ହର ଗୋବିନ୍ଦ ସିଂହକୁ ଆଉରଙ୍ଗଜେବ ଏହିଦିନ କାରାଗାରରୁ ମୁକ୍ତ କରିଥିଲେ । ଦୀପାବଳୀ ଦିନ ରାତ୍ରିରେ ପ୍ରତି ଘରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ପାଳନ ହୁଏ । ଶ୍ରାଦ୍ଧ ସହିତ ଜ୍ୱଳନ୍ତ ବଳିତା, କାଉଁରିଆ କାଠିରେ ଆଲୋକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଏ । ସେହି ସମୟରେ ଲୋକମାନେ ଉଚ୍ଚ ସ୍ୱରରେ ଗାଆନ୍ତି " ବଡ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ" ।




ଅକ୍ଷୟ କୁମାର ରାଉତ



(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱକୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା...

ଗ୍ଲାସଗୋଠାରେ ଆୟୋଜିତ କୋପ୍-୨୬ ଜଳବାୟୁ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି, ସମଗ୍ର ବିଶ୍ୱକୁ ମଧ ଏ ଦିଗରେ ଚେତାବନୀ ଶୁଣାଇଛନ୍ତି । ବିକାଶଶୀଳ ରାଷ୍ଟ୍ରମାନଙ୍କ ସ୍ୱରକୁ ଏହି ସମ୍ମିଳନୀରେ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜଳବାୟୁ ସମ୍ମିଳନୀ କେବଳ ଏକ ଆଲୋଚନାର ଫୋରମ୍ ନୁହେଁ ବରଂ ଏଥିରେ ବିଶ୍ୱକୁ ସୁରକ୍ଷିତ ରଖିବା ସକାଶେ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ କରିବା ଜରୁରି ହୋଇପଡ଼ିଛି ଏବଂ ଏଥିରେ ଆଉ ବିଳମ୍ବ ଘଟାଇବାର ସୁଯୋଗ ନାହିଁ । ତେଣୁ ଶିଳ୍ପୋନ୍ନତ ବିକାଶିତ ରାଷ୍ଟ୍ରମାନେ ନିଜର ଦାୟିତ୍ୱ ବହନ କରିବା ସହ 'କ୍ଲାଇମେଟ୍ ଫାଇନାନ୍ସ' ପାଇଁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି । ଜାତିସଂଘ ପ୍ରାୟୋଜିତ ଜଳବାୟୁ ସମ୍ମିଳନୀ ଇତିମଧ୍ୟରେ ତିନି ଦଶନ୍ଧି ପୂରଣ କରିସାରିଛି । କିନ୍ତୁ ଜାତିସଂଘର ବୈଠକ ଭଳି ଏହା କେବଳ ଆଲୋଚନା ଓ ଘୋଷଣାନାମା ଭିତରେ ସୀମିତ ନରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଧନୀ ଓ ଗରିବ ସମସ୍ତ ରାଷ୍ଟ୍ରଙ୍କୁ ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କାରଣ, ଏହି ତିନି ଦଶନ୍ଧି ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନ ପରିପ୍ରେକ୍ଷୀରେ ଯେଉଁ ଆକଳନ କରାଯାଇଥିଲା ତାହାର ବାସ୍ତବ ପରିଣାମ ତା'ଠାରୁ ଭୟଙ୍କର ବୋଲି ସାବ୍ୟସ୍ତ ହୋଇଛନ୍ତି । ଏହା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି, ସମୁଦ୍ର ଉତ୍ତନ ବୃଦ୍ଧି, ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା, ଅନାବୃଷ୍ଟି ଓ ଅତିବୃଷ୍ଟି ଯୋଗୁ ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ଆପଦା, ଜଙ୍ଗଲ ନିଆଁ ମାଧ୍ୟମରେ ସମସ୍ତଙ୍କ ନିକଟରେ ସ୍ପଷ୍ଟ ହେଇଛି । ଆଗାମୀ ଦିନରେ ଏହା ଆହୁରି ଉତ୍କଟ ଆକାର ଧାରଣ କରିବାକୁ ଯାଉଛି, ସେଥିରେ ଦ୍ୱିମତ ଥାଇନପାରେ । ତେଣୁ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ମଧ୍ୟରେ ଥିବା ମତଭେଦକୁ ତୁଟାଇ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ପ୍ୟାରିସ୍ ରାଜିନାମା ସ୍ୱାକ୍ଷରିତ ହେବା ଏବଂ ପ୍ରତ୍ୟେକ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ପ୍ରକଟ କରିଥିବା ପ୍ରତିବଦ୍ଧତାକୁ ପୂରଣ କରିବା ଦିଗରେ ଭାରତ ହାସଲ କରିଥିବା ସଫଳତାର ଫର୍ଦ୍ଦ ବିଶ୍ୱ ନିକଟରେ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ତାହା ଅଣ-ପାରମ୍ପରିକ ଶକ୍ତି ଉତ୍ପାଦନ ଦିଗରେ ହାସଲ କରାଯାଇଥିବା ସଫଳତା ହେଉ ଅବା ୨୦୩୦ ମସିହା ସୁଦ୍ଧା ରେଳବାଇର 'ନେଟ୍ ଜିରୋ' ହାସଲ ଅବା ୨୦୭୦ ମସିହା ସୁଦ୍ଧା ଦେଶ ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପ୍ରସଙ୍ଗ ହୋଇଥାଉ, ଭାରତ ତା'ର ଉଚ୍ଚାରଣକୁ ଆଚରଣ ଓ ସିଦ୍ଧିରେ ପରିଣତ କରିବା ସକାଶେ ପୂର୍ଣ୍ଣ ମାତ୍ରାରେ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି । ଏହା ସମସ୍ତଙ୍କ ପାଇଁ ଚେତାବନୀ ସଦୃଶ । ଜଳବାୟୁ ପରିବର୍ତ୍ତନକୁ ରୋକିବା କାର୍ଯ୍ୟପନ୍ଥା ଏକ ବ୍ୟୟବହୁଳ କାର୍ଯ୍ୟକ୍ରମ । ଏଥିପାଇଁ ହଜାର ହଜାର କୋଟି ଡଲାର ଆବଶ୍ୟକ । ଶିଳ୍ପୋନ୍ନତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ମାତ୍ରାଧିକ କାର୍ବନ ଉତ୍ସର୍ଜନ କରି ବିଶ୍ୱର ଯେଉଁ କ୍ଷତି ଘଟାଇଛନ୍ତି ଏବଂ ସେ ପାପର ପ୍ରାୟଶ୍ଚିତ କରିବାକୁ ଏବେ ନାରାଜ ତାହାର ପରିଣାମ ସମଗ୍ର ମାନବ ସମାଜକୁ ଭୋଗିବାକୁ ପଡୁଛି । କିନ୍ତୁ ଯଦି ବିଶ୍ୱ ଧ୍ୱଂସ ହୁଏ, ତେବେ ଗରିବ ଓ ଧନୀକ ସମସ୍ତଙ୍କୁ ସମଦଶା ଭୋଗ କରିବାକୁ ପଡ଼ିବ । ତେଣୁ ଧନୀ ରାଷ୍ଟ୍ରମାନେ ସେମାନଙ୍କ ଜିଦ୍ ପରିହାର କରି ତୁରନ୍ତ ଏକ ଟ୍ରିଲିୟନ ଡଲାର ଅନୁଦାନ ଦେଇ ଦରିଦ୍ର ରାଷ୍ଟ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନ ରୋକିବା ପ୍ରୟାସରେ ସହଯୋଗର ହାତ ବଢ଼ାଇବା ସକାଶେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଯେତିକି ସମୟୋଚିତ ସେତିକି ଯଥାର୍ଥ । ଭାରତ କେବଳ ବିକାଶଶୀଳ ରାଷ୍ଟ୍ରଙ୍କ ପ୍ରତିନିଧି ନୁହେଁ, ବରଂ ବିଶ୍ୱର ଭବିଷ୍ୟତ ପାଇଁ ଯାହା ଜରୁରି ତାହାକୁ ପ୍ରଧାନମନ୍ତ୍ରୀ କୌଣସି ଗୌରଚନ୍ଦ୍ରିକା ବିନା ଅତି ସ୍ପଷ୍ଟ ଭାଷାରେ ବ୍ୟକ୍ତ କରିଛନ୍ତି । ବିଶ୍ୱ ଏବେ ଧ୍ୱଂସର ଦ୍ୱାରଦେଶରେ । ପ୍ରକୃତି ଆଗରେ କେହି ଶକ୍ତିମାନ ନୁହେଁ । ତେଣୁ ଅସଜଡ଼ା ପ୍ରକୃତିକୁ ସଜାଡ଼ି ପୁଣି ଥରେ ପରିବେଶକୁ ଶୀତଳ ଓ ସହନଶୀଳ କରିବା ଦିଗରେ ସମସ୍ତେ ବ୍ରତୀ ହେବା ଉଚିତ୍ । ତାହା ହିଁ ଭବିଷ୍ୟତ ପିଢ଼ି ପାଇଁ ମାନବ ସମାଜର ସବୁଠାରୁ ବଡ଼ ଅବଦାନ ହେବ ।

## ରାଷ୍ଟ୍ରୀୟ ମହାପର୍ବ : ଦୀପାବଳି



ବିପିନ ବିହାରୀ ମହାନ୍ତି

ଏମିତି ଦେଖିଲେ ପ୍ରତିଦିନ ଭାରତ ବର୍ଷରେ କୋଉଠି ନା' କୋଉଠି ଗୋଟାଏ ଓଷା, ବ୍ରତ କି ପର୍ବପର୍ବାଣୀ ଲାଗି ରହିଛି। ଏଗୁଡ଼ିକୁ ଆମେ ଉତ୍ସବ, ଅନୁଷ୍ଠାନ ବା ପର୍ବହିସାବରେ ନାମିତ କରିଛୁ। ଗୁରୁତ୍ୱ ଦୃଷ୍ଟିରୁ ହୋଲିପରି ଉତ୍ସବକୁ 'ମହୋତ୍ସବ; ଦଶହରା ପରି ଅନୁଷ୍ଠାନକୁ 'ମହାନୁଷ୍ଠାନ' ଏବଂ ଦୀପାବଳି ପରି ପର୍ବକୁ 'ମହାପର୍ବ' ଭାବରେ ଆଖ୍ୟାୟିତ କରିଅଛୁ।

ଜଣେ ପାଶ୍ଚ୍ୟାତ୍ ଦାର୍ଶନୀକ ଗ୍ରେଗରୀ ବେଟ୍‌ସନ୍ କୁହନ୍ତି : ଭାରତର ସଂସ୍କୃତି ଇତିହାସ ପୃଷ୍ଠାରେ ଲେଖାନାହିଁ, ବରଂ ଦୀପାବଳୀ ପ୍ରଦୀପର ଜ୍ୟୋତିରେ ଲେଖା ହୋଇଅଛି।

ବୋଧହୁଏ ଏହି ବାକ୍ୟଟି ଦୀପାବଳିକୁ ଏକ ମହାପର୍ବ କହିବାର ଯଥାର୍ଥତା ପ୍ରତିପାଦନ କରେ।

ସଂପ୍ରତି ଦୀପାବଳି, ବାଣ, ରୋଷଣୀ ଓ ଦୀପର ପର୍ବ ହେଲେହେଁ ଚିରାଚରିତ ଏବଂ ଶାସ୍ତ୍ର ସମ୍ମତ ବିଚାରକୁ ଧରିଲେ ଏହା ମୁଖ୍ୟତଃ ଆଲୋକର ପର୍ବ। ଏହି ଦୀପ ପର୍ବ ବା ଦୀପୋତ୍ସବର ଇତିହାସ ଅତି ପୁରାତନ। ଏହି ଦୀପ ବୈଦିକ ଯୁଗରେ 'ଅଗ୍ନି, ରୂପରେ ପ୍ରତ୍ୟେକ ଘରେ ପୂଜା ପାଉଥିଲେ। ପରେ ଲିଙ୍ଗ ସଂଯୁକ୍ତ ହୋଇ ଏହି ଦୀପ ପୂଜା ପାଇଲେ : ଦୀପୋଜ୍ୟୋର୍ତିଃ ଜନାର୍ଦ୍ଦନଃ। ଏହି ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଅଟେ; ନିରାଶାରୁ ଆଶାର ଦ୍ୟୋତକ ଅଟେ : ପ୍ରବର୍ତ୍ତିନୋ ଦୀପଇବ ପ୍ରଦୀପତ୍।'

ପରବର୍ତ୍ତୀ ସମୟରେ ଏ ଦୀପାବଳୀକୁ ବିଭିନ୍ନ କାହାଣୀ ସହିତ ସଂଯୋଜିତ କରାଯାଇଛି। ପୁନଶ୍ଚ ଏହି ଦୀପାବଳି ଉତ୍ସବ ଆଶ୍ୱୀନ କୃଷ୍ଣପକ୍ଷ ତ୍ରୟୋଦଶୀ ଠାରୁ ଶୁକ୍ଳପକ୍ଷ ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ପାଳିତ ହୁଏ। ପ୍ରାଧାନ୍ୟ ଦୃଷ୍ଟିରୁ ତ୍ରୟୋଦଶୀ ଦିନ ଧନନ୍ତ୍ୱରୀ ଜୟନ୍ତି, ଯାହାର ଅନ୍ୟନାମ ଧନତେରସ୍ ପାଳିତ ହୁଏ। ଏହି ଦିନ ସମୁଦ୍ର ମନ୍ଥନରୁ ଧନନ୍ତ୍ୱରୀ ଆୟୁର୍ବେଦ ଓ ଅମୃତ ସହ ଜନ୍ମ ନେଇଥିଲେ ଏବଂ ତାଙ୍କୁ ଦୀପ ଜାଳି ଆମେ ସ୍ୱାଗତ କରିଥିଲୁ। ତା'ପର ଦିନକୁ ନରକ ଚତୁର୍ଦ୍ଦଶୀ କୁହାଯାଏ। ଏହାର ତାତ୍ପର୍ଯ୍ୟ ଏହି ଯେ, ଏହିଦିନ ନର୍କ ଦେବତା ଯମକୁ ଦୀପଜାଳି ପୂଜା କରାଯାଏ। ଅନ୍ୟ ଏକ କାହାଣୀମତେ ଭଗବାନ ଶ୍ରୀକୃଷ୍ଣ ଏହିଦିନ ନରକାସୁର ଯିଏକି ବହୁରାଜା, ଦେବତା, ଦେବୀ, ନାରୀ ଏବଂ ଦାସୀମାନଙ୍କୁ ବନ୍ଦି କରି ପୀଡ଼ା ଦେଉଥିଲା, ତାକୁ ମାରି ସେ ସେମାନଙ୍କୁ ଉଦ୍ଧାର କରିଥିବାରୁ ଆଲୋକର ରୋଷଣୀରେ ଆମେ ଖୁସିରେ ଉନ୍ମାଦ ହୋଇଯାଇଥିଲୁ। ଏହିଦିନ ମା' କାଳୀ ରାକ୍ଷସ, ଚଣ୍ଡ, ମଣ୍ଡ ବିଶେଷକରି ରକ୍ତ ବୀର୍ଯ୍ୟ ଯିଏ କି ମହାଷାସୁରର ସେନାପତିଥିଲା ଏବଂ ମହୀଷାସୁର ବଧପରେ ଉତ୍‌କ୍ଷିପ୍ତ ହୋଇ ନାନା କଷ୍ଟ ଦେଉଥିଲା ଏବଂ ଯାହାର ରକ୍ତରୁ ଅସଂଖ୍ୟ ଅସୁର ସୃଷ୍ଟି ହେଉଥିଲେ, ତାକୁ ସେ ମ୍ଭ ବଧ କରିଥିଲେ। ସେଦିନ ଥିଲା ଏହି ଦୀପୋତ୍ସବର ଦିନ। ଏହି ପାଞ୍ଚଦିନର ଗୁରୁତ୍ୱପୂର୍ଣ୍ଣ ଦିନଟି ହେଲା କାର୍ତ୍ତିକ ଅମାବାସ୍ୟା ଦିନ। ଏହି ଦିବସରେ ଆମେ ଲକ୍ଷ୍ମୀ ଓ ଗଣେଶଙ୍କୁ ଆହ୍ୱାନ କରିଥିଲୁ। ଜଣେ ସମୃଦ୍ଧି (ବିତ୍ତ) ଆଉ ଜଣେ ସତ୍‌ଜ୍ଞାନ ଓ ସତ୍‌ବୁଦ୍ଧି ପ୍ରଦାୟକ; ଯୁଗ୍ମ ଭାବରେ ଜଣେ ପୂଜକ / ଭକ୍ତର ଶ୍ରୀବର୍ଦ୍ଧକ ଏମାନେ। କାରଣ ଜ୍ଞାନ ଓ ବୁଦ୍ଧି ବଳରେ ଧନଲାଭ ହୁଏ। ଅପରଂନ୍ତୁ ଧନ ସୁଖ ବା ଶାନ୍ତିର ମାର୍ଗ ବୋଲି ବୁଝାଯାଏ। ଏଇଥିପାଇଁ ଏହା ସର୍ବସାଧାରଣ ଠାରୁ ଆରମ୍ଭ କରି ଜ୍ଞାନୀ, ଗୁଣୀ ଏବଂ ବ୍ୟବସାୟୀ ବର୍ଗ ସମସ୍ତେ ଏ ଉତ୍ସବକୁ ପ୍ରାଧାନ୍ୟ ଦେଇଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କାହାଣୀଟି ହେଉଛି ଏହି ଦିନ ରାମଚନ୍ଦ୍ର ଚଉଦବର୍ଷ ବନବାସ କରି ଦୁଷ୍ଟ ରାବଣକୁ ନିଧନ ପୂର୍ବକ ସୀତାଙ୍କୁ ଧରି ଅଯୋଧ୍ୟାଫେରି ଅଭିଷିକ୍ତ ହୋଇଥିଲେ। ଏନେଇ ତାଙ୍କୁ ଦୀପାବଳିରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଉଥିବାରୁ, ସେବେଠୁ ଆମେ ଏହାକୁ ଏକ ବିଜୟର ପ୍ରତୀକ ରୂପେ ପାଳନ କରୁଛୁ। ଇତିହାସ କୁହେ ଏହିଦିନ ମହାବୀର ଜୈନଙ୍କର ମହାନିର୍ବାଣ ଘଟିଥିଲା। ଏହିଦିନ ଗୁରୁ ଗୋବିନ୍ଦଙ୍କୁ ଅମୃତସର ଠାରେ ଦୀପଜାଳି ଜାହାଙ୍ଗୀରଙ୍କ ଠାରୁ ମୁକ୍ତି ପରେ ସ୍ୱାଗତ କରାଯାଇଥିଲା। କେତେକଙ୍କ ମତରେ ଉତ୍ତର ଭାରତରେ ଏହି ଦିନ ହନୁମାନ ଜୟନ୍ତି ପାଳନ କରାଯାଏ ଯଦିଓ ହନୁମାନ ଚୈତ୍ରପୂର୍ଣ୍ଣିମାରେ ଜନ୍ମ ହୋଇଥିଲେ। ଏହିଦିନ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ ଏବଂ କାଉଁରିଆ କାଠିରେ ଦୀପ ବା ଅଗ୍ନି ସଂଯୋଗକରି ବଡ଼ବଡ଼ିଆ ଡକାଯାଏ : ବଡ଼ ବଡ଼ିଆ ହେ, ଅନ୍ଧାରେ ଆସି ଆଲୋକେ ଯାଅ, ସ୍ୱର୍ଗେ ଯାଅ, ସ୍ୱର୍ଗେ ଥାଅ, ଅମୃତ ଭୋଜନ କରୁଥାଅ। ଏଣୁ ବଡ଼ବଡ଼ିଆଙ୍କ ମୋକ୍ଷାର୍ଥେ ଏହା ଏକ ପର୍ବ। ଏହାପରେ କାର୍ତ୍ତିକ ଶୁକ୍ଳପ୍ରତିପଦା। ଏହା ବଳୀ ପ୍ରତିପଦା ନାମରେ ନାମିତ। କାରଣ ଏହିଦିନ ବାମନ ଅବତାରେ ଭଗବାନ ବଳୀକୁ ପାତଳକୁ ଚାପି ପୀଡ଼ିତମାନଙ୍କୁ ଉଦ୍ଧାର କରିଥିଲେ। ଏହିଦିନ ଗୋବର୍ଦ୍ଧନ ପୂଜା (ପ୍ରକୃତିପୂଜା), ଏବଂ ଚନ୍ଦ୍ର ସମ୍ବତ୍ସର ଆରମ୍ଭ ହେତୁ ପୂଜା ତଥା ଅନ୍ନକୂଟ ପୂଜା ହୁଏ। ଏମାନେ ମ୍ଭ ସେହି ଦୀପାବଳି ସହିତ ସମ୍ବନ୍ଧିତ। କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱିତୀୟା ଦିନକୁ ଭାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା କୁହାଯାଏ। ଯମୁନା ଯମଙ୍କ ଭଗ୍ନୀ। ଏହିଦିନ ଯମ ଭଉଣୀଙ୍କ ଘରକୁ ଆସିଥିଲେ ଏବଂ ତାଙ୍କ ଆବାହନୀ ନିମନ୍ତେ ଦୀପାବଳିର ଆୟୋଜନ କରିଥିଲେ ଭଉଣୀ। ଏହା ଭାଇ ଓ ଭଉଣୀମ୍ଭରେ ଥିବା ଅନାବିଳ ପ୍ରେମର ସଂକେତ ବହନ କରେ। ଭଗ୍ନି ପ୍ରେମ ସଂପର୍କର ପ୍ରତୀକ ସ୍ୱରୂପ ସେଦିନ ସେ ଆଶୀର୍ବାଦ ଦେଇ କହିଥିଲେ ଯେ ଏହି ଦିନ ଯଦି କେହି ମରନ୍ତି ତାକୁ ଯମ ଦଣ୍ଡ ଲାଗିବ ନାହିଁ। ଏହି ମହାପର୍ବ ଦିବସରେ ବୁଦ୍ଧଘୋଷଙ୍କ ରାଜଗୃହକୁ ସଜା ଯାଇଥିଲା ଏବଂ ଧମ୍ମପଦ ଅଟ୍ଠକଥା ଅନୁସାରେ ଏହି ଶୁଭ ପର୍ବରେ ସାରା ରାତିଧରି କୌମୁଦୀ ମହୋତ୍ସବର ଆୟୋଜନ କରାଯାଇଥିଲା।



ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ କେବଳ ଭାରତର ହିନ୍ଦୁମାନଙ୍କର ପର୍ବ ହିସାବରେ ପାଞ୍ଚଦିନ ଧରି ଏହି ଦୀପୋତ୍ସବ ପାଳନ କରାଯାଏ ନାହିଁ। ଏହା ମଧ ଜୈନ, ବୌଦ୍ଧ, ହିନ୍ଦୁ, ଶିଖ୍ ଇତ୍ୟାଦିଙ୍କର ପର୍ବ ଅଟେ। ଦୀପାବଳି ଭାରତର ସୀମାରେଖା ଡେଇଁ ଶ୍ରୀଲଙ୍କା, ମିଆଁମାର୍, ଇଣ୍ଡୋନେସିଆ, ବଙ୍ଗଳାଦେଶ, ପାକିସ୍ତାନ ଏବଂ ନେପାଳ ଇତ୍ୟାଦିରେ ପାଳିତ ହୁଏ କାରଣ ଏଠାରେ ଦୂର ଅତୀତରୁ ଭାରତୀୟମାନଙ୍କ ପ୍ରଭାବ ରହିଅଛି। ଏହାମଧ ଭାରତର ସବୁ ଧର୍ମ ଏବଂ ସମ୍ପ୍ରଦାୟର ଲୋକଙ୍କ ମ୍ଭରେ ଏକ ଭାଇଚରିଆ ସଂପର୍କ ରକ୍ଷାକରିଅଛି। ଏଣୁ ଏହାକୁ ଜାତୀୟ ପର୍ବର ମାନ୍ୟତା ଦିଆଯିବା ଉଚିତ୍।

ସବୁକିଛି ଓଷା, ବ୍ରତ ଓ ପର୍ବ ପଛରେ କିଛି ଲୁକ୍କାୟିତ ଉଦ୍ଦେଶ୍ୟ ଥାଏ। ଦୀପାବଳି ସେଥିରୁ ବାଦ୍‌ନୁହେଁ। ଦୀପାବଳି ପାଇଁ ବର୍ଣ୍ଣିତ କାହାଣୀ ଗୁଡ଼ିକୁ ବିଚାର କଲେ ଆମେ ଯେଉଁ, ରାମ, ରାବଣ, ମହୀଷାସୁର, ରକ୍ତବୀର୍ଯ୍ୟ, ନରକାସୁର ଓ ବଳି ଇତ୍ୟାଦି କଥା କହିଛୁ, ସେମାନେ ଜଣେ ଜଣେ ବ୍ୟକ୍ତି ବିଶେଷ ହେଲେ ହେଁ, ଆମ୍ଭମାନଙ୍କର ମନୋବିକାର ଅନ୍ତର୍ଗତ। ଏମାନେ ସବୁ କାମ, କ୍ରୋଧ, ଲୋଭ, ମୋହ ଏବଂ ଅହଂକାରୀ ସ୍ୱଭାବର ପ୍ରତୀକ ଯାହାକି ଧ୍ୱଂସକାରୀ ଶକ୍ତି ଅଟନ୍ତି। ରାମ, ଦୁର୍ଗା, ମହାକାଳୀ, କୃଷ୍ଣ ଏବଂ ବାମନ ଅବତାରେ ଶ୍ରୀହରି ହେଲେ ଏଗୁଡ଼ିକର ମାରକ ଏବଂ ସଂସାରର ତାରକ ଶକ୍ତି। ଗୋଟିଏ ପଟେ ଅନ୍ଧକାର, ଅପବିତ୍ରତା, ଅଜ୍ଞାନତା, ପାପର କ୍ଲିଷ୍ଟତା ବେଳେ ଅନ୍ୟପଟେ ପ୍ରକାଶ, ପବିତ୍ରତା, ଜ୍ଞାନ, ଆନନ୍ଦ, ଉଲ୍ଲାସ, ସୁଖ ଏବଂ ସଂମୃଦ୍ଧିର ସଂକେତ। ଏଣୁ ଦୀପାବଳୀ ହେଉଛି ଅନ୍ଧକାର ଉପରେ ଆଲୋକର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ; ଦୁଃଖ ଉପରେ ସୁଖର ବିଜୟ; ଅପବିତ୍ରତା ଉପରେ ପବିତ୍ରତାର ବିଜୟ; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅଶୁଭ ଉପରେ ଶୁଭର ବିଜୟ ହିଁ ଏ ଦୀପାବଳି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କୃଷ୍ଣବର୍ଣ୍ଣା କାଳୀ



ଜୟଶ୍ରୀ ପଟ୍ଟନାୟକ

ମାତୃଶକ୍ତି ପରଂବ୍ରହ୍ମଙ୍କୁ ନିଜ ଭିତରେ ଧାରଣ କରି ଏହି ବିଶାଳ ସଂସାରକୁ ସୃଷ୍ଟି କରିଛନ୍ତି । ଏହି ଦୃଷ୍ଟିରୁ ଦୃଶ୍ୟମାନ ସୁନ୍ଦର ଜଗତର ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମାତୃଶକ୍ତି ଯାହାକୁ ଆମେ ଦେବୀ ବୋଲି କହୁ । ଏହି ଦେବୀ ସତ୍ୱ ରଜ ତମ ଗୁଣର ପ୍ରତୀକ । ତେଣୁ ଶକ୍ତି ସମନ୍ୱିତା ତ୍ରିଗୁଣାତ୍ମିକା ପ୍ରକୃତିଦେବୀ ହେଉଛନ୍ତି ମାତୃଶକ୍ତି । ମାତୃଶକ୍ତିକୁ ସ୍ୱରୂପ ଦୃଷ୍ଟିରୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଛି ୧. ମାହେଶ୍ୱରୀ, ୨. ମହାକାଳୀ, ୩. ମହାଲକ୍ଷ୍ମୀ, ୪. ମହାସରସ୍ୱତୀ । ଏହି ମହାଶକ୍ତି ହେଉଛନ୍ତି ସାର୍ବଜନୀନ ମା । ମାତୃଶକ୍ତି ବିନା ଦିବ୍ୟଚେତନା ପୃଥିବୀ ଉପରେ ପ୍ରକଟିତ ହୋଇପାରେନା, ଆତ୍ମାଶକ୍ତି ତାର ଅସ୍ତିତ୍ୱ ସାବ୍ୟସ୍ତ କରିପାରେନା । ସକଳ ଜୀବଙ୍କର ସୃଷ୍ଟି, ପାଳନ ଏବଂ ସଂହାର କ୍ରିୟା ଏହି ମହାଶକ୍ତି ଆଧାରଭୁକ୍ତ । ମାହେଶ୍ୱରୀଙ୍କ ଅନ୍ୟରୂପ ହେଉଛି ମହାକାଳୀ । ମାତା ସତୀଙ୍କ କ୍ରୋଧରୁ ଜାତ ଦଶ ପ୍ରହରେଣ ଧାରିଣୀ ଦେବୀଙ୍କର ଦଶଗୋଟି ସ୍ୱରୂପକୁ ଦଶ ମହାବିଦ୍ୟା ଭାବେ ଉପାସନା କରାଯାଇଛି । ଏହି ଦେବୀମାନେ ହେଲେ କାଳୀ, ତାରା ଷୋଡଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଓ ଭୈରବୀ । ଦେବୀଙ୍କର ଏହି ଦଶ ସ୍ୱରୂପକୁ ଦଶ ଅବତାର କୁହାଯାଏ । ଦଶ ମହାବିଦ୍ୟା ମାନଙ୍କ ମଧ୍ୟରେ ଶ୍ରୀକାଳୀ ହେଉଛନ୍ତି ପ୍ରଥମ ମହାବିଦ୍ୟା । ଏହାକୁ ବ୍ରହ୍ମଙ୍କର ଇଚ୍ଛାଶକ୍ତି ରୂପେ ଗ୍ରହଣ କରାଯାଏ ସେ ପ୍ରଥମେ ଶକ୍ତି ଓ ଆଦିଶକ୍ତି ସେ ପ୍ରଥମେ ମହାକାଳକୁ କଳନା କରିଥିବା ହେତୁ ତାଙ୍କୁ କାଳୀ କୁହାଯାଏ । ପୃଥିବୀ ଉପରେ ଯେମିତି ଅନ୍ଧାର -ଆଲୁଅ, ସୁଖ-ଦୁଃଖ, ଭଲ-ମନ୍ଦ ରହିଛି ସେହିପରି ଦିବ୍ୟଶକ୍ତି ସହିତ ଦୁଷ୍ଟଶକ୍ତି ବି ପୃଥିବୀ ପୃଷ୍ଠରେ ପ୍ରକଟିତ ହୋଇଥାଏ । ସେହି ଦୁଷ୍ଟଶକ୍ତିକୁ ତାମସିକ ଶକ୍ତି ବା ଆସୁରିକ ଶକ୍ତି କୁହାଯାଏ । ଆସୁରିକ ଶକ୍ତି ପ୍ରଭାବରେ ସଂସାରରେ ଯେତେବେଳେ ଅନ୍ୟାୟ ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯାଏ ସେତେବେଳେ ଜୀବଜଗତ ଭିତରେ ଦୁଃଖଯାତନା ଓ ମାନସିକ ଅଶାନ୍ତି ବଢ଼ିଯାଏ । ପୃଥିବୀ ପୃଷ୍ଠରୁ ଦୁଷ୍କୃତିକୁ ବିନାଶ କରିବାପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି । ପୃଥିବା ଉପରେ ଅଧର୍ମକୁ ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ହେଉଛି ମହାକାଳୀଙ୍କର କାର୍ଯ୍ୟ । ତାଙ୍କର କରାଳ ରୂପ ଦେଖିବାକୁ ଖୁବ ଭୟଙ୍କର । ସେ ଖଡ୍ଗଖର୍ପର ଧାରିଣୀ ଦେବୀ, ଉନ୍ମକ୍ତା, ମୁକ୍ତକୁନ୍ତଳା, ନୃମୁଣ୍ଡମାଳିନୀ ଶବାରୁଢା । ମହାକାଳୀ ଅତି ଭୟଙ୍କର ହୋଇଥିଲେ ମଧ ସେ ଅତି ସୁନ୍ଦର ଓ ମଙ୍ଗଳମୟ । ମହାକାଳୀ ତାଙ୍କର ପ୍ରଳୟ ସାଧନା ମାଧମରେ ପୃଥିବୀର ସନ୍ତୁଳନ ରକ୍ଷା କରିଥାନ୍ତି ଏବଂ ଜୀବଜଗତକୁ ଦୁଃଖ ଯନ୍ତ୍ରଣାରୁ ଉଦ୍ଧାର କରିଥାନ୍ତି । ଅସୁରମାନଙ୍କ ବିନାଶ ପାଇଁ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି । ସେ ହେଉଛନ୍ତି ସଂହାରକାରିଣୀ ତଥାପି ସେ ଜଣେ ମାଆ । ଆଦିମ କାଳରୁ ପୁଣ୍ୟଭୂମି ଓଡିଶା ଶାକ୍ତ ପରମ୍ପରା ତଥା ଶକ୍ତି ଉପାସନା ପାଇଁ ସର୍ବଜନାଦୃତ । ଯେପରି ଶ୍ରୀ ଜଗନ୍ନାଥ ଧାମରେ ଇଷ୍ଟଦେବୀ ରୂପେ ମା ବିମଳା ପୂଜିତା ସେପରି ସମଗ୍ର ପୀଠମାନଙ୍କରେ ମା ଦେବୀମାନେ ବିଭିନ୍ନ ନାମରେ ପୂଜିତା ହୁଅନ୍ତି । ସେମାନେ ବିଭିନ୍ନ ନାମ ସ୍ଥାନ ରୂପରେ ଆବିର୍ଭୁତା ହୋଇ ପୀଠ ମନ୍ଦିର ଆଶ୍ରମ ମଠ ଗଛମୂଳ, ନଦୀନାଳ ତଟଦେଶ ପାହାଡ଼ ପର୍ବତ ଓ ଜଙ୍ଗଲରେ ଆଶ୍ରିତା । ଓଡିଶାର ଭଦ୍ରକ ଜିଲ୍ଲାର ଆରାଧ ଦେବୀ ହେଲେ ମାତା ଭଦ୍ରକାଳୀ ସେ ପବିତ୍ରା ରୁଦ୍ରାକ୍ଷମାଳା ପରିହିତା, କ୍ଷମାଦାତ୍ରୀ, ମଙ୍ଗଳମୟୀ ବାତ୍ସଲ୍ୟମୟୀ, କୋଳରେ ଶିଶୁ ସନ୍ତାନ ଧାରିଣୀ, ମାତା ଚତୁର୍ଭୁଜା ଓ ସିଂହବାହିନୀ । ସେଥିପାଇଁ କୁହାଯାଏ ଯା ଭଦ୍ରଂ କରୋତି ସା ଭଦ୍ରକାଳୀ ଅର୍ଥାତ ଯେଉଁ କାଳୀ ଆନନ୍ଦ, ମଙ୍ଗଳ, ଶାନ୍ତି, ମୈତ୍ରୀ, ସୁଖ ସୌଭାଗ୍ୟ ପ୍ରଦାନ କରନ୍ତି ସେ ଭଦ୍ରକାଳୀ । କାଳ ଶବ୍ଦର ସ୍ତ୍ରୀ ପ୍ରତ୍ୟେୟ କାଳୀ । କାଳୀ ଶବ୍ଦର ଅର୍ଥ ଧ୍ୱଂସ, ନାଶକାରୀ । ଶ୍ରୀମଦ୍ ଭାଗବତ ଗୀତାରେ ମଧ କାଳ ଶବ୍ଦର ପ୍ରୟୋଗ ରହିଛି । ଭଦ୍ରକାଳୀ ଏ ସଂସାରରେ ଅନ୍ୟାୟ, ଅତ୍ୟାଚାର, ପାପତାପ ସହିତ ପ୍ରଳୟରେ ସୃଷ୍ଟି ସଂହାର କରୁଥିବାରୁ ସେ କାଳୀ । ଶୁଦ୍ରମୁନି



ଶ୍ରୀ ସାରଳାଦାସ ଶକ୍ତିଙ୍କ ବର୍ଣ୍ଣନା ଏହିପରି କରିଛନ୍ତି -

ଝଙ୍କଡ଼େ ରହିଲୁ<br>
ମାତା ସାରଳା ବୋଲାଇ<br>
କାକଟପୁରେ ରହିଲୁ<br>
ମଙ୍ଗଳା ଯେ ତୁହି<br>
ଲହ ଲହ ଜିହ୍ୱା<br>
ତୋର ସିନ୍ଦୁର ମୁଖମଣ୍ଡି<br>
କୋଣାରକେ<br>
ରହିଲୁ ଅଭୟା ରାମଚଣ୍ଡୀ ।

ମାତା ଭଦ୍ରକାଳୀ ହେଉଛନ୍ତି ମଙ୍ଗଳମୟୀ, ବିଜୟଦାୟିନୀ, କ୍ଷମାଦାତ୍ରୀ, ସ୍ୱାହାସ୍ୱାଧା । ସେ ସର୍ବଘଟରେ ମାତୃରୂପରେ ବିଦ୍ୟମାନ । ସେ କାମନା ରୂପକ ମହିଷାସୁରକୁ ବିନାଶ କରି ଆୟୁ ଆରୋଗ୍ୟ, ଭୋଗ ମୁକ୍ତି ମୋକ୍ଷ ବିଜୟ ପ୍ରଦାନ କରନ୍ତି ତାଙ୍କୁ ଅନନ୍ତ କୋଟୀ ଦଣ୍ଡବତ । ତେଣୁ ଶ୍ଳୋକରେ କୁହାଯାଇଛି -

ଜୟନ୍ତୀ ମଙ୍ଗଳକାଳୀ ଭଦ୍ରକାଳୀ କପାଳିନୀ ଶିବା, ଦୁର୍ଗା କ୍ଷମାଦାତ୍ରୀ ସ୍ୱାହା ସ୍ୱାଧା ନମୋସ୍ତୁତେ

ମହିଷାଗ୍ନି ମହାମାୟୀ ଚାମୁଣ୍ଡେ ମୁଣ୍ଡମାଳିନୀ ଆୟୁରୋଗ ବିଜୟଂ ଦେହୀ ଭଦ୍ରକାଳୀ ନମୋସ୍ତୁତେ ।

ମାତା ଭଦ୍ରକାଳୀ ହେଉଛନ୍ତି ପ୍ରକୃତି ରୂପିଣୀ । ସେ ଭଗବାନ ଶ୍ରୀକୃଷ୍ଣଙ୍କର ମାୟାଶକ୍ତି । ସେ ବିଷ୍ଣୁଙ୍କ ମାୟାରୂପରେ ବିଦ୍ୟମାନ । ଦେବକୀଙ୍କ ସପ୍ତମ ଗର୍ଭ ସନ୍ତାନଟିକୁ ବସୁଦେବଙ୍କ ଦ୍ୱିତୀୟ ପତ୍ନୀ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରି ଧରାପୃଷ୍ଠରେ କୁମଦା, ଚଣ୍ଡିକା କୃଷ୍ଣା, ମାଧବୀ, କେତକୀ, ଭଦ୍ରକାଳ, ଦୁର୍ଗା ଆଦି ବହୁନାମରେ ଖ୍ୟାତ । ମହାକାଳୀ ରୂପରେ ସେ ବିଶ୍ୱକୁ ସଂହାର କରନ୍ତି ସେ ତମ ଗୁଣର ପ୍ରତୀକ ତମ ଗୁଣ ନାଶକାରୀ, ଧନଜନ ଗୋପଲକ୍ଷ୍ମୀ ଭାବେ ସେ ସକଳ ପ୍ରକାର ବୈଭବ ଓ ରଜଗୁଣର ପ୍ରତୀକ ଭାବେ ମହାଲକ୍ଷ୍ମୀ ଭାବେ ସେ ପୂଜା ପାଆନ୍ତି, ଜ୍ଞାନବିଜ୍ଞାନ ବିଦ୍ୟା ବୁଦ୍ଧି ସ୍ୱରୂପ ସତ୍ୱଗୁଣର ପ୍ରତୀକ ହୋଇ ସେ ମହା ସରସ୍ୱତୀ ରୂପେ ପୂଜା ପାଆନ୍ତି । ଏହି କଥା ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ । ମହାକାଳୀ ଦୁଷ୍ଟ ଦୂରାଚାର ଅନ୍ୟାୟ ଅତ୍ୟାଚାର ସଂହାର କରୁଥିବାରୁ ସେ କରାଳବଦନା କୃଷ୍ଣବର୍ଣ୍ଣା କଳା ଶବାରୁଢା, ନୃମୁଣ୍ଡମାଳିନୀ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ



### କାଳୀ

ଅନସୂୟା ପଣ୍ଡା

ସେ କାଳୀ<br>
ଅବଚେତନ ମନର ବିଧ୍ୱଂସୀ ଚରିତ୍ର<br>
ରାତ୍ରିର ଅନ୍ଧକାରରେ<br>
ପାପକୁ ଦହନ କରି<br>
ପୃଥିବୀ ବକ୍ଷରୁ ଦୂଷିତ ରୁଧିର,<br>
ପିଏ ଲହ ଲହ ଜିହ୍ୱାରେ<br>
ଦାନବ ଶିରକୁ ଧାରଣ କରି ।

ସେ କାଳୀ<br>
ଯିଏ ସ୍ନିଗ୍ଧ ଶୀତଳତାରେ<br>
ବିଶାଳ ଦାବାନଳ ବୁଝାଏ<br>
ଭୂମିରୁ ଭୂମା ଯାଏ<br>
ବିକଟ ରୂପକୁ ବିସ୍ତାରେ<br>
ଯେବେ ଯୋଗିନୀ ରୂପରୁ ଚଣ୍ଡୀ ହୁଏ<br>
ବିଦାରିତ ଜନତାର କାରୁଣ୍ୟ ସ୍ୱରରେ।

ସେ କାଳୀ<br>
ଯିଏ ସଙ୍କୁଚିତ ଚରିତ୍ରରୁ ପକ୍ଷ କାଟି<br>
ଦୁର୍ଦ୍ଧର୍ଷ ରୂପରେ ସହରେ, ଅବହେଳିତ<br>
ଗଳି କନ୍ଦିରେ, ଶୋଣିତ ଜନପଦରେ<br>
କବଳିତ ହୁଏ ରମଣୀ,<br>
ଶୋଷଣର ବାହୁରେ<br>
ହାତରେ ଖଡ୍ଗ ଧରି ବିରୋଧର<br>
ପ୍ରତୀକ ଭାବରେ<br>
ଶୂନ୍ୟରୁ ମହାଶୂନ୍ୟ ଯାଏ ନିଜ<br>
କାୟାକୁ ବିସ୍ତାରେ।

ସିଏ କାଳୀ<br>
ଯିଏ ଶର୍ବରୀରେ ନିଜକୁ ଏକନିଷ୍ଠ କରି<br>
ମହୀରେ ଦାନବତ୍ୱର ପରିସମାପ୍ତି କରେ<br>
ନାରୀରୁ ନାରାୟଣୀ ହୋଇ<br>
ଶ୍ମଶାନରୁ ...ଗାଁ ଯାଏ<br>
ଗାଁରୁ...ସହର ଯାଏ ନିକାଞ୍ଚନ ନୀରବରେ<br>
ଭୟଙ୍କରୀ ରୂପ ନିଏ ।

ସିଏ କାଳୀ<br>
ଯିଏ ପାଦ ରଖି ସ୍ୱାମୀଙ୍କ ଛାତିରେ<br>
ତନ୍ମୟା ସତ୍ୟ ଶିବ ସୁନ୍ଦର ପାଖରେ<br>
ହୁଏ ପ୍ରକୃତିସ୍ଥ, ସ୍ୱରୂପକୁ ଫେରେ,<br>
ଅଦ୍ୱିତୀୟା ଦୟାମୟୀ ଅପର୍ଣ୍ଣା ରୂପରେ।

ସିଏ କାଳୀ<br>
ଯିଏ ଅମୃତମଣୋହୀ ଭରେ<br>
ଯନ୍ତ୍ରଣାକୁ ଅପସୃୟ କରି ଜୀବନ କୁମ୍ଭରେ<br>
ବିଭାମୟ ସୂର୍ଯ୍ୟଙ୍କ ଜ୍ୟୋତିକୁ ଖେଳାଏ<br>
ନୂତନ ଆଶାରେ ସଜେଇ<br>
ପୁଲକିତ ହୁଏ।


♥ ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡିଶା, ୭୬୮୦୧୮,<br>
(ମୋ)-୯୪୩୯୨୧୧୯୭୧






### ଜ୍ଞାନର ଦୀପାଳି

ଅରୂପ କୁମାର ବିଶ୍ୱାଳ



ଜ୍ଞାନର ଦୀପାଳି ଜାଳି ଦେବା ଆସ<br>
ଆସିଅଛି ଦୀପାବଳି,<br>
ଅଜ୍ଞାନ ଅନ୍ଧାର ଦୂର ହୋଇଯିବ<br>
ବିଜେ ପରା ମହାକାଳୀ।<br>
ଜ୍ଞାନର ସଳିତା ଜଳାଇବା ଆସ<br>
ହଟିଯିବ ରୋଗ ଦୁଃଖ,<br>
ଜ୍ଞାନ ଆଲୋକରେ ଆଲୋକିତ ହେବ<br>
ଏ ସାରା ସଂସାର ଯାକ।<br>
ଜ୍ଞାନ ଦୀପେ ଦିଅ ବୁଦ୍ଧିର ସଳିତା<br>
ଆଶାର ଆଲୋକ ନେଇ,<br>
ଅତି ଯତନରେ ଆଲୋକର ଶିକ୍ଷା<br>
ଆସରେ ଦେବା ଲଗାଇ।<br>
ଆଳସ୍ୟକୁ ଦେବା ମନରୁ ଦୂରେଇ<br>
କର୍ମେ ସଦା ଦେବା ମତି,<br>
ଜ୍ଞାନର ପୂଜାରୀ ସାଜିବାକୁ ହେବ<br>
ପାହିଯିବ ଅମାରାତି।<br>
ଦୁଃଖ,ଶୋକ,ରୋଗ ଦୂର କରିଦେବା<br>
ଧରି ଜ୍ଞାନର ମଶାଲ,<br>
ଚତୁର୍ଦ୍ଦିଗ ଆମ ଆଲୋକିତ ହେବ<br>
ଦିଶୁଥିବ ଝଲମଲ।<br>
ଜୀବନରେ ଆସ ଭରିଦେବା ଆମେ<br>
ଜ୍ଞାନର ଆଲୋକ ମାଳା,<br>
ସଜାଇବା ଆସ ଏ ସାରା ଜଗତ<br>
ଲିଭିଯିବ ସବୁ ଜ୍ୱଳା।<br>
ଜୀବନରେ ଅଛି ଯେତେ ଅବଗୁଣ<br>
ଜ୍ଞାନ ଦୀପେ ତୈଳ କରି ,<br>
ଆନନ୍ଦ ମନରେ ଜାଳିଦେବା ସବୁ<br>
ଜୀବନ ଯିବ ସୁଧୁରି।<br>
ସବୁ ଦୁଃଖ ଶୋକ ଦୂର ହୋଇଯିବ<br>
ଯେତେ ଅଛି ବିଘ୍ନବାଧା,<br>
ଆନ୍ତରିକ ଚେଷ୍ଟା ହେବ ଫଳବତୀ<br>
ଦୂର ହେବ ଅସୁବିଧା।<br>
ସବୁଦିନେ ଜାଳି ଜ୍ଞାନର ଦୀପାଳି<br>
ଦେଇ ଜୀବନରେ ରଙ୍ଗ,<br>
ସୌଭାଗ୍ୟ ସୂରୁଜ ଉଇଁବ ନିଶ୍ଚୟ<br>
ସଳଖି ଧରିଥା ମଙ୍ଗ।


♥ ସହକାରୀ ଶିକ୍ଷକ<br>
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ<br>
ପାରାଦୀପ,<br>
(ମୋ) ୯୦୪୦୮୭୦୧୦୦


### କାଳୀପୂଜା

ଶିବ ପ୍ରସାଦ ବାହିନୀପତି



ବରଷକ ପରେ ଧରାପୃଷ୍ଠେ ପୁଣି<br>
ଆସିଅଛୁ ତୁ ଜନନୀ ଅବତରି<br>
ପ୍ରଣାମ କରୁଛି ତୋତେ ଲୋ ଜନନୀ<br>
ବାରେ ଶୁଣ ମାଆ ମୋର ଗୁହାରୀ ।

ଗଲା ଦୁର୍ଗାପୂଜା ଆଶ୍ୱିନ ମାସରେ<br>
ସରିଗଲା ଗଜଲକ୍ଷ୍ମୀ ପୂଜା ତୋର<br>
ମହାକାର୍ତ୍ତିକରେ କାଳିକା ରୂପରେ<br>
ଆସିଅଛୁ ପୁନର୍ବାର ମର୍ତ୍ତପୁର ।

କରାଳନାଶିନୀ ଖର୍ପରଧାରିଣୀ<br>
ନରମୁଣ୍ଡ ବିଭୂଷିତା ଲୋକେଶ୍ୱରୀ<br>
ହଟାଇ ଦେ' ମାଆ କରାଳ କାଳିମା<br>
ଧରାବକ୍ଷୁ ଧରାପୃଷ୍ଠେ ଅବତରି ।

ନବୀନ ଭାସ୍କର ହେଉଲୋ ଉଦୟ<br>
ପାପର ତମସା ହୋଇଯାଉ ଦୂର<br>
କେତେ ରକ୍ତବିର୍ଯ ବୁଲୁଛନ୍ତି ମାଆ<br>
ଶୁଭଇ ନିସ୍ତାର ନିସ୍ତାର ଚିତ୍କାର ।

ଆମେ ସବୁ ପୁତ୍ର ତୁ ଆମ ଜନନୀ<br>
ନକରି ଅବିଚାର ହୁଅ ତୁ ସାହା<br>
ମାଆ ହୋଇ ଯଦି ସାହା ନ ହୋଇବୁ<br>
କିଏ ବା ଆଉ ତୋତେ ଡାକିବ ମାଆ ?

ଜନନୀ ଜନନୀ ପଡୁଅଛି ଡକା<br>
ପବିତ୍ର ଏ ଦୀପାବଳୀ ରଜନୀରେ<br>
କାଳୀପୂଜାର ଏ ଗହଳି ଭିତରେ<br>
ଏ ପାପୀଷ୍ଠ ପୁତ୍ର ତୋତେ ଝୁରି ମରେ।

ମୁଁ ଯେ ମହାପାପୀ ପାପାତ୍ମା ଆବର<br>
ପାପରେ ଭରା ମାଆ ମୋର ଶରୀର<br>
ତୋର ସ୍ନେହମୟ ପରଶେ ମାତାଶ୍ରୀ<br>
ଯେତେ ପାପ ମୋର କରିଦିଅ ଦୂର ।

ଏତିକି ମାଗୁଣି ଶ୍ରୀପୟରେ ତୋର<br>
ଶରଣ ଗଲି ମାଆ ତୋର ଚରଣେ<br>
ଦୀନହୀନ ଶିବ କରେ ନିବେଦନ<br>
ଯାଉ ମୋ' ଜୀବନ ତୋ' ନାମ<br>
ଗାୟନେ ।


♥ ସମ୍ପାଦକ - ଉଦୟ ଭାନୁ<br>
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ<br>
(ମୋ)୮୯୧୭୪୮୦୫୩୬






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୩୪**

- ବତିଶ -

ଗଲା କିଛିଦିନ ଧରି ନିଜ ରାଜକାର୍ଯ୍ୟର ବ୍ୟସ୍ତତା ମଧ୍ୟରେ ରହି ଦୁର୍ଯ୍ୟୋଧନଙ୍କ ସହ ମୋର ଆଉ ଦେଖାସାକ୍ଷାତ ହୋଇ ନଥିଲା । ପାଣ୍ଡବମାନେ ବିଦୁରକକାଙ୍କ ଘରେ ଅବସ୍ଥାନ କରୁଛନ୍ତି ବୋଲି ଜାଣିଥିଲି । ତା ପରବର୍ତ୍ତୀ ଖବର ମୁଁ ଆଉ ପାଇନି । ଖବର ନେବାପାଇଁ ଦୁର୍ଯ୍ୟୋଧନଙ୍କ ସହ ଦେଖା କରିବାକୁ ଯିବାକୁ ଇଚ୍ଛା ହେଲା । ଯିବାପାଇଁ ବାହାରିଛି, ଦୂତ ଆସି ଖବର ଦେଲା ଦୁର୍ଯ୍ୟୋଧନ ମୋତେ ତାଙ୍କ ମନ୍ତ୍ରଣା କକ୍ଷକୁ ଡକାଇଛନ୍ତି । ଦୁର୍ଯ୍ୟୋଧନଙ୍କ ମନ୍ତ୍ରଣା କକ୍ଷରେ ପ୍ରାୟ ଶକୁନିମାମୁ ଓ ଦୁଃଶାସନ ହିଁ ଉପସ୍ଥିତ ଥାଆନ୍ତି । ବେଳେବେଳେ ମୁଁ ସେମାନଙ୍କ ସହ ଯୋଗଦିଏ । କାରଣ ଯାହାକିଛି ଆଲୋଚନା ହୁଏ ଆମ ଚାରିଜଣଙ୍କ ବ୍ୟତୀତ ଅନ୍ୟମାନେ ତାର ସୁରାକ ମଧ୍ୟ ପାଆନ୍ତି ନାହିଁ ।

ସେଦିନ ଦୁର୍ଯ୍ୟୋଧନଙ୍କ ମନ୍ତ୍ରଣା କକ୍ଷରେ ପାଦ ଦେଇ ପ୍ରଥମେ କିଛି ବୁଝିପାରିଲି ନାହିଁ । ସମସ୍ତେ ବେଶ୍ ଚୁପ୍‌ଚାପ୍ ଥିଲେ । ପରିବେଶ ଥିଲା ଗମ୍ଭୀର । ଲାଗୁଥିଲା ଏକ ଆସନ୍ନ ବିପତ୍ତି ପାଇଁ ସମସ୍ତଙ୍କ ମନରେ ଉଦ୍‌ବେଗ । କଥାଟା ନିଶ୍ଚିତ ଗୁରୁତର ହୋଇଥିବ ଭାବି ଦୁର୍ଯ୍ୟୋଧନଙ୍କୁ ଲକ୍ଷ୍ୟକରି କହିଲି ।

କଥା କ'ଣ ମିତ୍ର, ତୁମେ ଏତେ ଗମ୍ଭୀର ଓ ଆଶଙ୍କା ଜଡ଼ିତ ବୋଲି ମନେ ହେଉଛ ? କ'ଣ କିଛି ବିପତ୍ତି ପଡ଼ିଛି କି ? ମୋତେ ଖୋଲିକରି କୁହ । ସବୁକ୍ଷେତ୍ରରେ ଏ କର୍ଣ୍ଣ ତୁମ ପଛରେ ସଦାସର୍ବଦା ରହିଅଛି ।

ଦୁର୍ଯ୍ୟୋଧନ ତାଙ୍କ ଆସନରୁ ଉଠିଆସି ମୋତେ ତାଙ୍କ ଆଲିଙ୍ଗନ ଫାଶମଧ୍ୟରେ ବାନ୍ଧି ରଖିଲେ । କହିଲେ ବିଶ୍ୱାସ କର, ତୁମଛଡ଼ା ମୋର ଆଉ କେହି ବିଶ୍ୱାସୀ ବନ୍ଧୁ ନାହାଁନ୍ତି । ତେଣୁ ତୁମ ପାଖରେ ଗୋପନୀୟ କିଛି ରଖିବି କାହିଁକି ? ତେବେ, ମୁଁ ଏବେ ଘୋର ଚିନ୍ତାରେ ରହିଛି, କାରଣ କୁରୁରାଜ୍ୟର ବିଭାଜନ ହେବାକୁ ଯାଉଛି । କଥାଟା ଯେମିତି ମୋତେ ଚମକାଇ ଦେଲା । ଆହୁରି ଉତ୍ସୁକତାର ସହ ପଚାରିଲି,

କୁରୁରାଜ୍ୟର ବିଭାଜନ ? କାହା କାହା ମଧ୍ୟରେ ? କାହିଁକି ?

ଏତିକି ବୁଝି ପାରୁନ ମିତ୍ର । ବିଭାଜନ ଆଉ କାହା କାହା ମଧ୍ୟରେ ହେବ ବୋଲି ଭାବୁଛ । କୌରବ ଆଉ ପାଣ୍ଡବମାନଙ୍କ ମଧ୍ୟରେ । ଯୁଧିଷ୍ଠିର ଆଉ ମୋ ମଧ୍ୟରେ ।

ଯୁଧିଷ୍ଠିରଙ୍କ ଦାବି ଯେ, ସେ ତାଙ୍କ ପିତାଙ୍କ ଅର୍ଜିତ ରାଜ୍ୟଭାଗ ନେବେ ।

ଓଃ ଏଇକଥା । ଯୁଧିଷ୍ଠିର କଣ ନିଜେ ଏହା ମହାରାଜଙ୍କ ଠାରେ ଦାବି କରିଛନ୍ତି ?

ଯଦିଓ ପ୍ରତ୍ୟକ୍ଷ ଭାବରେ କରିନାହାଁନ୍ତି, ତେବେ ମହାମନ୍ତ୍ରୀ ବିଦୁରଙ୍କ ମାଧ୍ୟମରେ ଖବର ପଠାଇଛନ୍ତି । ତେବେ, ମହାରାଜଙ୍କ ଇଚ୍ଛା କ'ଣ? ସେ କ'ଣ ଏ ପ୍ରସ୍ତାବରେ ରାଜି ?

ନା ମିତ୍ର, ନା ଯେତେ ଯାହା ହେଲେ ମଧ୍ୟ ସେ ମୋର ପିତା । ସେ କ'ଣ କେବେ ଚାହିଁବେ ତାଙ୍କ ପୁତ୍ର ବ୍ୟତୀତ ଅନ୍ୟ କାହାକୁ ରାଜ୍ୟ ଦେଇଦେବାକୁ । ତେବେ, ଏ ବିଷୟରେ ସେ କୌଣସି ନିଷ୍ପତ୍ତି ନେଇପାରୁ ନାହାଁନ୍ତି । ଆଉ ଉପାୟଶୂନ୍ୟ ହୋଇ ସେ କେବଳ ପିତାମହଙ୍କ ସହ ପରାମର୍ଶ କରୁଛନ୍ତି ।

ପିତାମହ ଭୀଷ୍ମ, କୁରୁ ସାମ୍ରାଜ୍ୟର ପ୍ରକୃତ ଉତ୍ତରାଧିକାରୀ ହୋଇ ମଧ୍ୟ ନିଜ ପିତାଙ୍କ ନିକଟରେ ବଚନବଦ୍ଧ ସିଂହାସନରେ ବସିବେ ନାହିଁ । କିନ୍ତୁ କୁରୁ ସାମ୍ରାଜ୍ୟର ସୁରକ୍ଷା ଦାୟିତ୍ୱ ନେବେ । ସେ କେବେ ବିଭାଜନ ଚାହିଁବେ ନାହିଁ। ବିଦୁର ମଧ୍ୟ ବିଭାଜନର ପକ୍ଷପାତୀ ନୁହଁନ୍ତି। ପିତାମହଙ୍କ ଉପସ୍ଥିତିରେ ଏ ରାଜ୍ୟରେ କିଛି ଗୋଟେ ଅଘଟଣ ଘଟୁ ସେ ଏହା କଦାପି ବରଦାସ୍ତ କରିପାରିବେନି କି କାର୍ଯ୍ୟକାରୀ କରାଇ ଦେବେନି ।

ପିତାମହଙ୍କ ତେବେ ଇଚ୍ଛା କ'ଣ ମିତ୍ର ?

ମିତ୍ରଙ୍କ ଠାରୁ ଅଧିକ ଜାଣିବାର ଆଶା ରଖି ତାଙ୍କୁ ଏ ପ୍ରଶ୍ନଟି ପଚାରିଦେଲି । ମାତ୍ର ଲକ୍ଷ୍ୟକଲି ମିତ୍ରଙ୍କ ମୁହଁର ସରସତା ମଉଳି ଯାଇଥିଲା । ସେ ବିଷଣ୍ଣ ବଦନରେ କହିଲେ, ସେଇ ତ ସବୁ ଦୁଃଖର ମୂଳକାରଣ । ସେ ରାଜ୍ୟ ବିଭାଜନ ସିନା ଚାହାଁନ୍ତି ନାହିଁ କିନ୍ତୁ ତାଙ୍କର ଇଚ୍ଛା, ଯୁଧିଷ୍ଠିର ହିଁ କୁରୁ ସିଂହାସନ ଅଳଙ୍କୃତ କରନ୍ତୁ। ଜ୍ୟେଷ୍ଠ ହିସାବରେ ସେ ହିଁ ହୁଅନ୍ତୁ ପରବର୍ତ୍ତୀ ରାଜା ।

ଏବେ ମୋତେ ଆଉ ବୁଝିବାକୁ ବାକି ରହିଲା ନାହିଁ । କ'ଣ ପାଇଁ ମିତ୍ର ଦୁର୍ଯ୍ୟୋଧନ ଏତେ ବିବ୍ରତ ତାହା ସ୍ପଷ୍ଟ ହୋଇଗଲା ମୋ ପାଖରେ । ମହାରାଜ ନିଜେ କିଛି ନିର୍ଣ୍ଣୟ କରିପାରୁ ନାହାଁନ୍ତି। ଏପଟେ ପିତାମହ କି ବିଦୁରଙ୍କ ବିପକ୍ଷରେ ମଧ୍ୟ ଯାଇପାରୁ ନାହାଁନ୍ତି। ଏଭଳି ବିଷମ ପରିସ୍ଥିତିରେ ସେ ଚାହାଁନ୍ତି ରାଜସଭା ଉପରେ ଏ ନିଷ୍ପତ୍ତିଟିକୁ ଛାଡ଼ିଦେବେ।

ଉତ୍ତେଜିତ ହୋଇ ପଡୁଥିଲେ ଦୁର୍ଯ୍ୟୋଧନ। ସାରା ଶରୀର ତାଙ୍କର ଘର୍ମାକ୍ତ । ମୁଖମଣ୍ଡଳରେ ବିନ୍ଦୁବିନ୍ଦୁ ସ୍ୱେଦକଣିକା । କଥାରେ ତାଙ୍କର ଅଧୈର୍ଯ୍ୟର ମହାପ୍ରଳୟ । ଅତିମାତ୍ରାରେ ଭାବପ୍ରବଣ ହୋଇପଡୁଥିଲେ ସେ ।

ଖୁବ୍ ଜୋରରେ ଚିତ୍କାର କରି ହସୁଥିଲେ ଗାନ୍ଧାର ନରେଶ । ମୁଁ କିଛି ବୁଝିପାରୁ ନଥିଲି ନିଜ ରାଜ୍ୟ ଛାଡ଼ି ଯିଏ ଭଗ୍ନୀ ରାଜ୍ୟର ଅତିଥି, ସେ ପୁଣି ରାଜ୍ୟର ହାନିଲାଭ, ସୁଖ ଦୁଃଖ ପ୍ରତିଟି କଥାରେ ହସ୍ତକ୍ଷେପ କରୁଛନ୍ତି । ଶକୁନିଙ୍କ ଉତ୍ତେଜନାପୂର୍ଣ୍ଣ ଭାଷା ଦୁର୍ଯ୍ୟୋଧନଙ୍କୁ ଆହୁରି ଉତ୍ତେଜିତ କରି ତୋଳୁଥିଲା । ତାଙ୍କର ଅଟ୍ଟହାସ୍ୟ ସତେଯେମିତି ବିଦ୍ରୁପ କରୁଥିଲା । ଦୁର୍ଯ୍ୟୋଧନଙ୍କ କଣ୍ଠରେ ହତାଶାର ଭାଷା, ବିଦ୍ରୋହର ସ୍ୱର୍ଶ । ସତରେ ଯେମିତି କୁରୁରାଜ୍ୟର ବିଭାଜନ ନୁହେଁ। ତାଙ୍କୁ ଯେମିତି କିଏ ଫାଳଫାଳ କରି ଦେଉଛି । ଚୂର୍ଣ୍ଣୀଭୂତ ହେବାକୁ ଯାଉଛି ତାଙ୍କର ସକଳ ସ୍ୱପ୍ନ ।

କାହିଁକି ବା ନ ହେବ । ଏମିତି ହେଲେ ସେ କ'ଣ ସତରେ କୁରୁ ସାମ୍ରାଜ୍ୟର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ହୋଇ ରହିପାରିବେ ? ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହେବେ ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର ଓ ତାଙ୍କର ଭ୍ରାତାଗଣ । ତେଣୁ ଆହତ ସିଂହପରି ସେ ଗର୍ଜନ କରୁଥିଲେ । ନିଜକୁ ସ୍ଥିରକରି ପାରୁ ନଥିଲେ । ଅଣାୟତ୍ତ ହୋଇ ପଡୁଥିଲେ ସେ । ତାଙ୍କ ମନରେ ସ୍ଥିରତା ଫେରାଇ ଆଣିବାକୁ ଯାଇ ଗାନ୍ଧାର ନରେଶ ଶକୁନି କେବଳ କହୁଥିଲେ ଧୈର୍ଯ୍ୟଧର ଭଣଜା। ତୁମେ ସ୍ୱୟଂ ମହାରାଜାଙ୍କ ପୁତ୍ର । ସମୟକୁ ଅପେକ୍ଷା କର । ଦେଖ, ଆଗକୁ ପୁଣି କ'ଣ ଘଟୁଛି ।

କ'ଣ ଆଉ ଘଟିବ ମାମୁ । କ'ଣ ଆଉ ଦେଖିବାକୁ ଥିବ । ରାଜସଭା ଯଦି ବିଭାଜନକୁ ମଞ୍ଜୁର କରିଦିଏ । ମହାରାଜ ସେ ପ୍ରସ୍ତାବକୁ ମାନିନେବାକୁ ବାଧ୍ୟ ହେବେ । କାରଣ ରାଜା ହୋଇ ମଧ୍ୟ ନିଷ୍ପତ୍ତି ନେବାର ଅଧିକାର ଦେଇଛନ୍ତି ରାଜସଭାକୁ । ଆଉ ରାଜସଭା କେବେ କ'ଣ କହିବ କୁରୁ ରାଜ୍ୟ କେବଳ ଆମର ବୋଲି ।

ଦୁର୍ଯ୍ୟୋଧନଙ୍କ କଣ୍ଠର ନିରାଶାର ବାଣୀ ସମଗ୍ର ପରିବେଶକୁ କରୁଥିଲା କରୁଣାୟିତ । ଆଖିଦୁଇଟି ତାଙ୍କର କ୍ରୋଧରେ ଲୋହିତବର୍ଣ୍ଣ ହୋଇ ଉଠୁଥିଲା ।

ମାତୁଳ ଶକୁନି ତାଙ୍କୁ କେବଳ ପ୍ରବୋଧନା ଦେବାରେ ଲାଗିଥାନ୍ତି ।

ଧୈର୍ଯ୍ୟଧର ଭଣଜା । ଅପେକ୍ଷା କର । ମହାରାଜ ରାଜ୍ୟ ବିଭାଜନ କରନ୍ତୁ । ପାଣ୍ଡବମାନେ ସେମାନଙ୍କ ରାଜ୍ୟଭାଗ ପାଆନ୍ତୁ। ତା ପରେ ଆରମ୍ଭ ହେବ ଖେଳ ।

ଗାନ୍ଧାର ନରେଶ ଶକୁନି ଚିରଦିନ ଏମିତି। ସେ କେବେ ସିଧାସଳଖ ଖୋଲାଖୋଲି କଥା କହନ୍ତି ନାହିଁ । ବେଳେବେଳେ ଏମିତି କିଛି ବାକ୍ୟବାଣ ପ୍ରୟୋଗ କରନ୍ତି ଯାହା ସମସ୍ତଙ୍କୁ ତଟସ୍ଥ କରିଦିଏ । ବିନା ମେଘରେ ବଜ୍ରପାତ ହେବାଭଳି ତାଙ୍କ ପ୍ରତିଟି କଥା ଯେମିତି ଶ୍ଳେଷପୂର୍ଣ୍ଣ ସେମିତି ରହସ୍ୟମୟ । ବଡ଼ ବିଚିତ୍ର ଏ ଶକୁନି ମାମୁର ଚରିତ୍ର । ଏକପଟେ ମାମୁର ସୁନ୍ଦର ଅଭିନୟ । ଅନ୍ୟପଟେ କୂଟନୀତି ବିଶାରଦ ଦକ୍ଷ ରାଜନୀତିଜ୍ଞ । ଶକୁନିମାମୁ



ଯେମିତି ହେଉ ସମସ୍ୟାର ସମାଧାନ ବାଟ ବାହାର କରିବେ, ସେଥିପାଇଁ ଦୁର୍ଯ୍ୟୋଧନ ମଧ୍ୟ ଆଶ୍ୱସ୍ତ । ଦୁର୍ଯ୍ୟୋଧନଙ୍କ ଅସ୍ଥିରତା ଦେଖି ମାମୁ ସଂଗେସଂଗେ କହିଲେ, ରାଜନୀତିରେ ସବୁକଥା ଖୋଲାଖୋଲି କହିହୁଏ ନାହିଁ ଭଣଜା। ସମୟ ଆସିଲେ ସବୁ ଠିକ୍ ହୋଇଯିବ। ତୁମକୁ କେବଳ ଗୋଟିଏ କଥା କରିବାକୁ ପଡ଼ିବ। ମୁଁ ଯେତେବେଳେ ଯାହା କିଛି ପ୍ରସ୍ତାବ ଦେବି, ତୁମେ ସଂଗେସଂଗେ ତାକୁ ସମର୍ଥନ କରିବ । ମୋ ପ୍ରସ୍ତାବ ବିରୋଧରେ କେହି କିଛି କହିବା ପୂର୍ବରୁ ତୁମପଟୁ ସମର୍ଥନଟା ଯେମିତି ମିଳିଯାଏ। ଏତିକି ଧ୍ୟାନ ଦେଇଥିବ । ବାକି କଥା ବୁଝିବା ଦାୟିତ୍ୱ ମୋ ଉପରେ ଛାଡ଼ିଦିଅ ।

ଦୁର୍ଯ୍ୟୋଧନ ଏଥର ଆଶ୍ୱସ୍ତ ହୋଇଗଲେ। ସେଦିନର ଆଲୋଚନା ସେତିକିରେ ବନ୍ଦ ରହିଲା। ଦୁର୍ଯ୍ୟୋଧନଙ୍କ ଠାରୁ ବିଦାୟ ନେଇ ମୁଁ ମୋ ନିଜ କୋଠରିକୁ ଫେରିଆସିଲି । ମନେମନେ ଭାବୁଥାଏ ବାସ୍ତବିକ ଗାନ୍ଧାରରାଜ ଶକୁନି ଧୂର୍ତ୍ତପଣିଆରେ ବେଶ୍ ପାରିବାର । ତାଙ୍କ କଥାର ଗଭୀରତାକୁ ସହଜରେ ମାପି ହୁଏନି। ଦେବତାମାନଙ୍କୁ ମଧ୍ୟ ତାଙ୍କ କୂଟନୀତି ସଂପର୍କରେ ଅଜଣା । ଏକାଧାରରେ ସେ ଜଣେ ଦକ୍ଷ କୂଟନୀତିଜ୍ଞ ଓ ରାଜନୀତିଜ୍ଞ ମଧ୍ୟ । ତାଙ୍କ ମନରେ ପୁଣି କିପ୍ରକାର ଖଳଚିନ୍ତା ଜାଗିଛି ତା କିଏ ଜାଣେ ? ତେବେ ଆମକୁ କେବଳ ସେଇ ଦିନଟିକୁ ପ୍ରତୀକ୍ଷା କରି ରହିବାକୁ ପଡ଼ିବ ।

ସତକୁ ସତ କିଛିଦିନ ପରେ ମହାରାଜ ରାଜସଭା ଡକାଇଲେ । ଏକ ବିଶେଷ ଜରୁରି ଅଧିବେଶନ ପାଇଁ ସବୁ ସଦସ୍ୟମାନଙ୍କ ନିକଟକୁ ନିମନ୍ତ୍ରଣ ଗଲା । ଆଲୋଚନାର ବିଷୟବସ୍ତୁ କେବଳ ସେଇ ଗୋଟିକ । ପାରମ୍ପାରିକ ଭାବେ ଆୟୋଜନ ହେଲା ସଭା । ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁର, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଆଦି ଅନ୍ୟାନ୍ୟ ସଦସ୍ୟମାନେ ନିଜନିଜ ଆସନ ଗ୍ରହଣ କଲେ । ମାତୁଳ ଶକୁନି ଓ ମୁଁ ମଧ୍ୟ ଏଥିରେ ସଭ୍ୟ ଭାବରେ ଯୋଗ ଦେଇଥିଲୁ । ଯୁଧିଷ୍ଠିର ସମେତ ପାଣ୍ଡବମାନେ ଓ କୌରବ ପକ୍ଷର ସମସ୍ତଙ୍କ ଗହଣରେ ସେଦିନର ସଭାଥିଲା ଏକ ଭରପୂର ସଭା । ମହାରାଜ ଧୃତରାଷ୍ଟ୍ର ସଭାପତି ଆସନ ଅଳଙ୍କୃତ କରି ସଭାକାର୍ଯ୍ୟ ଆରମ୍ଭ କରିବାପାଇଁ ନିର୍ଦ୍ଦେଶ ଦେଲେ । ମହାମନ୍ତ୍ରୀ ବିଦୁର ନିଜ ଆସନରୁ ଠିଆହୋଇ ପାଣ୍ଡବମାନଙ୍କୁ ସେମାନଙ୍କର ନିବେଦନ ମହାରାଜଙ୍କ ପାଖରେ ଉପସ୍ଥାପିତ କରିବାକୁ କହିଲେ ।

ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର ଛିଡ଼ାହୋଇ ଉପସ୍ଥିତ ସମସ୍ତ ଗୁରୁଜନମାନଙ୍କୁ ଯଥାବିଧି ସମ୍ମାନ ଜଣାଇ କହିଲେ, ମୁଁ ଯୁଧିଷ୍ଠିର ସ୍ୱର୍ଗତଃ ମହାରାଜ ପାଣ୍ଡୁଙ୍କର ଜ୍ୟେଷ୍ଠପୁତ୍ର । ଆମ୍ଭ ପିତା ଥିଲେ କୁରୁରାଜ୍ୟର ରାଜା । ନିଜ ବାହୁବଳରେ ସେ ଅନେକ ରାଜ୍ୟ ଜୟକରି ଆମ ରାଜ୍ୟର ପରିସୀମାକୁ ବଢ଼ାଇଥିଲେ । ତେଣୁ ମୋର ବିନମ୍ର ନିବେଦନ, ଆମକୁ ଆମର ପୈତୃକ ଭାଗ ମିଳୁ। ମୋର ଅନୁଜ ଦୁର୍ଯ୍ୟୋଧନଙ୍କର ମଧ୍ୟ ରାଜ୍ୟ ପାଇବା ପାଇଁ ଆଶାୟୀ । ମୁଁ କିନ୍ତୁ ଆମ ଭାଇଭାଇ ମଧ୍ୟରେ ବିବାଦ ସୃଷ୍ଟି କରିବାକୁ ଚାହେଁନା । ତେଣୁ ଆମ ଉଭୟଙ୍କୁ ରାଜ୍ୟଭାଗ ଦିଆଯାଉ । ଆମେ ଉଭୟ ନିଜ ନିଜର ଭାଗନେଇ ଭ୍ରାତୃତ୍ୱ ପ୍ରେମରେ ବନ୍ଧା ହୋଇ ସୁଖଶାନ୍ତିରେ ରହିବୁ ।

ବାସ୍ତବରେ କି ବିନମ୍ରତାର ଭାଷା । ଯୁଧିଷ୍ଠିରଙ୍କ ଭଳି ନିର୍ମଳ ବ୍ୟକ୍ତିତ୍ୱ ଠାରେ ଏହା କେବଳ ଶୋଭନୀୟ । ତାଙ୍କର ପ୍ରତ୍ୟେକଟି ଉଚ୍ଚାରଣ କେବଳ ମୋତେ କାହିଁକି ପ୍ରତ୍ୟେକଙ୍କୁ ମୁଗ୍ଧ କରୁଥିଲା । ନା ଅଛି ତାଙ୍କ ମନରେ ଦୁର୍ଯ୍ୟୋଧନଙ୍କ ପ୍ରତି ଈର୍ଷା, ଅସୂୟା ନା ଅଛି ସାମାନ୍ୟତମ କ୍ରୋଧ ଅବା ଅହଂକାର । ଏଭଳି ଉଦାର ବ୍ୟକ୍ତିତ୍ୱ ବୋଧହୁଏ ସମଗ୍ର ଆର୍ଯ୍ୟାବର୍ତ୍ତରେ ବିରଳ । ଯେଉଁ ଦୁର୍ଯ୍ୟୋଧନଙ୍କ ପାଇଁ ତାଙ୍କର ଏଭଳି ଦୁର୍ଦ୍ଦଶା । ତାଙ୍କ ପ୍ରତି ପ୍ରାଣ ତାଙ୍କର ସ୍ନେହରେ ଛଳଛଳ। ତାଙ୍କ ଜାଗାରେ ଆଉ କେହିଥିଲେ ହୁଏତ କ୍ରୋଧରେ ଫୁଲିଉଠି କେତେ କ'ଣ ଅଭିଯୋଗ ବାଢ଼ିଥାନ୍ତେ। ଅଥଚ ସ୍ଥିରମତି ଯୁଧିଷ୍ଠିର, ମେରୁସମ ଅଟଳ, ଉଦାର, ଗମ୍ଭୀର। କୌଣସି ଭାବପ୍ରବଣତାରେ ଚହଲି ଯିବାର ଲୋକ ସେ ନୁହଁନ୍ତି। ସବୁ ଥାଇ ମଧ୍ୟ ଆଜି ଭରପୂର ସଭାଗୃହରେ ଭିକାରୀ ଭଳି ତାଙ୍କୁ ମାଗିବାକୁ ପଡୁଛି ରାଜ୍ୟଭିକ୍ଷା। ପୁଣି ଅନୁଜ ଦୁର୍ଯ୍ୟୋଧନଙ୍କୁ ବାଣ୍ଟି ଦେଉଥାନ୍ତି ସ୍ନେହ ଓ ଉଦାରତା । ଯୁଧିଷ୍ଠିର ମୁହଁରୁ ଏଭଳି ନମ୍ରତାର ଉଚ୍ଚାରଣ ଶୁଣି ମନେମନେ ଧନ୍ୟବାଦ ଦେଉଥିଲି ପାଣ୍ଡବଭ୍ରାତା ମାନଙ୍କୁ । ବିନା ପ୍ରତିବାଦରେ ଜ୍ୟେଷ୍ଠ ପ୍ରତି ଭକ୍ତି ହିଁ ସେମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରେୟ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ଆଜିର କବିତା

## ପଣତ ବଦଳେ...

**ସୁଷମା ପରିଜା**



ସମୟ ଚକ୍ରରେ ଖାଲି ଋତୁ ବଦଳେ ନାହିଁ
ଆହୁରି ଅନେକ କିଛି ବଦଳିଯାଏ
କିଛି କିଛି ଅଭାବିତ ପରିବର୍ତ୍ତନ
କେବେ ସହି ହୁଏତ ଆଉ କେବେ
ଛାତି ଚିରି ନବ ଖଣ୍ଡ ହୁଏ ।

ସେଦିନ ଯଶୋଧାରା ତା'ର ଛବିଶି ବଷର
ଅଭ୍ୟସ୍ତ ପଣତ କାନିଟା
ବୁବୁ ହାତ କୁ ବଢେଇଦେଲା ବେଳକୁ
ବୁବୁ ବାଟଭାଙ୍ଗି ଚାଲି ଯାଇ
ନୂଆ ବୋହୂ ଅର୍ପିତାର
ଶାଢୀ ପଣତରେ ମୁହଁ ପୋଛିଲା ।

ଆଜିକାଲି ଯଶୋଧାରାର ସେଇ
ହଳଦୀ, ମସଲା ବାସ୍ନା ଯୁକ୍ତ ପଣତର
ସ୍ଥାନ ନେଇ ସାରିଛି ବୋହୂର
ଅତରଲଗା ଦାମୀ ଶାଢୀ ପଣତ ।

ତିରିଶ ବର୍ଷ ହେଲା ଯଶୋଧାରାର
ପଣତକାନିରେ ବନ୍ଧା ହୋଇଥିବା
ଘରର ଚାବି ନେନ୍ଥାଟା ମଧ୍ୟ
ଚାଲି ଯାଇଛି ବୋହୂର ପଣତକୁ।

ବୋହୂର ନହକା ଅଣ୍ଟାରେ ଝୁଲୁଛି
ଚାନ୍ଦି ର ଷ୍ଟାଇଲିଶ୍ ଚାବି ରିଂ ,
ବୁବୁ ଆଖି ମିଟିକା ମାରି କହୁଛି
"ଲୁକିଂ ସୋ ଲଭଲି ଡାର୍ଲିଂ "
ଯଶୋଧାରାର ମୁହଁ ବନ୍ଦ ଲୋକଲଜ୍ୟାରେ
ଆଉ ଆଖି ଦୁଇଟା ବନ୍ଦ ଲୁହର ଝରରେ ।

ନୂଆବଜାର , କଟକ-୪
ମୋ: ୯୩୩୭୨୭୨୬୪୭

## ହେମନ୍ତ ଆସିଛି...

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ହିମ ପ୍ରବାହରେ ଆସିଛି ହେମନ୍ତ
ଧରି ସାଥେ ଶୀତ ଗୀତି
ଦୂରେ ଜହ୍ନ ଢାଳେ ପିଆଲା ପୀୟୂଷ
ଘାସ ପତ୍ରେ ମୁକ୍ତା ଗୁନ୍ଥି।

ପ୍ରୀତି ମୁରୁଜରେ ପାହାଡ଼ ଛାତିରେ
ଭରା ଯଉବନ ଅଙ୍ଗେ
ଚୋରା ଚାହାଣୀରେ ହସୁଛି ଅଳସୀ
ସୁନେଲି ସୁନେଲି ରଙ୍ଗେ।

ତା ଖୋଲା ଦେହରେ କେତେ ଉନ୍ମାଦନା
ଲାଜୁଆ ଲାଜୁଆ ବାସ୍ନା
କେତେ ମଧୁମାଛି ପରାଗ ରଚନ୍ତି
ଢାଳି ପ୍ରଣୟର ଜ୍ୟୋସ୍ନା।

ପାହାଡ ଫାଙ୍କରୁ ଝରା ନିର୍ଝରଣୀ
ଡେଇଁ ଡେଇଁ ପାଦ ପାରେ
ଜନ ଗହଳିରେ ବିଭୋର ହୁଏ ସେ
ପାଣିର ଫୁଆରା ଧାରେ।

ଶୁଭ୍ର କାଶତଣ୍ଡି ଝୁଲୁଛି ପବନେ
ଗାଉଛି ଶାନ୍ତିର ବାର୍ତ୍ତା
ସାତ୍ତ୍ୱିକ ଛୁଙ୍କରେ ବାସୁଛି କାର୍ତ୍ତିକ
ଚର୍ଚ୍ଚାରେ ଧର୍ମୀୟ ଗାଥା।

ଗୋବର ଛଡ଼ାରେ ଦଣ୍ଡ ଖରକାଇ
ଲକ୍ଷ୍ମୀଙ୍କର ଆବାହନେ
ପାଦ ପଦ୍ମ ମଣ୍ଡଳର ଝୋଟି
ଘରଣୀ କରଇ ଧ୍ୟାନେ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ସବୁ ଅନୁକୂଳ ଥିଲେ...

**ପଦ୍ମାଳୟା ସାମଲ**



ସବୁ ଅନୁକୂଳ ଥିଲେ
କବିତାଟିଏ ନିଥରିଯାଏ
କଲମ ମୁନରେ
ଦେହଭିଜା ବର୍ଷା ଆଉ
ମନଖୋଜା ସୂର୍ଯ୍ୟତାପରେ
ଫୁଲଟିଏ ଫୁଟିଯାଏ ମନ ପସନ୍ଦର,
ବିସ୍ମୟବିସ୍ତାରିତ ବଗିଚାରେ
ରଙ୍ଗିନ ପ୍ରଜାପତିଟେ ଉଡ଼ିବୁଲେ
ଗଜା ବାହାରିଯାଏ ମଞ୍ଜିରୁ
ଥିରି ଥିରି ଶିରିଶିରି ବାଆଟିର ସୁରେ
ପକ୍ଷୀଟିଏ ଗୀତଗାଏ ହୃଦୟ ଛୁଇଁଲା ଭଳି
ସଭିଙ୍କର ମନ ପସନ୍ଦର।

ସବୁ ଅନୁକୂଳ ଥିଲେ,
ପରିବାର ବସିଯାଏ
ରାଗ ରୋଷ ହଜିଯାଏ
ଶିଶୁଟିଏ ବିକଶି ଉଠେ ମତୁଆଲା ହୋଇ,
ନାଚିଯାଏ ଗାଇଯାଏ ଆନମନା ହୋଇ।

ସବୁ ଅନୁକୂଳ ଥିଲେ.....
ନିରବିତ ଦିନ, ରାତି, ସଞ୍ଜ ଓ ସକାଳ
କଥାକୁହେ ଆଗତ ଦିନର, ମଧୁ ସମ୍ପର୍କର
ଯନ୍ତ୍ରଟିପା କଣ୍ଢେଇଟି ପରି।

ଭଲ ପାଇବାଟା ଯଦି ମିଛ ନୁହେଁ
ଆପଣାର ପଣ ଯଦି ନିଛକ ସତଟିଏ,
ତେବେ, ସେ ସବୁର ସାହାରାରେ
ଚଢିଯାଏ, ଶିଢ଼ି ପରେ ଶିଢ଼ି
ମଣିଷଟିଏ ଅବ୍ୟକ୍ତ ଆବେଗରେ ହୁଏତ
ଏ ତା ପାଇଁ ଅସରନ୍ତି ଉତ୍ସାହ
ଅଫୁରନ୍ତ ପ୍ରେରଣାର ଉତ୍ସଟିଏ।

ସବୁ ଅନୁକୂଳ ଥିଲେ,
ପାଖେଇ ଆସନ୍ତି
ବନ୍ଧୁ ପରିଜନ ଅବେଳରେ,
ଉତ୍ସାହରେ ଛୁଇଁଯାଉ
ଜୀବନର ଚରମ ରହସ୍ୟ
ସବୁକିଛି ଯୋଡି ହୋଇଯାଏ
ସମ୍ପର୍କର ମଧୁର ତାରରେ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ସମ୍ପର୍କର ରଙ୍ଗ

## କିଛି ସମସ୍ୟା ବିଚଳିତ କରୁଛି କି ?

**ଶ୍ୱେତା ରାଉତ୍**



ଅନେକ ସମୟରେ ଆମ ସାମନାରେ ଏତେ ଗୁଡାଏ କାମ, ଦାୟିତ୍ୱ ବା ସିଦ୍ଧାନ୍ତ ଥାଏ ଯେ କେଉଁଠୁ ଆରମ୍ଭ କରିବା, କେଉଁ କ୍ରମରେ କରିବା, କେମିତି କରିବା, ବୁଝି ହୁଏନାହିଁ। ମନ ବହୁତ ବିଚଳିତ ହୁଏ। କିଛି ବୁଝି ନପାରିବାର ଏ ସମୟ ବଡ କଷ୍ଟଦାୟକ ହୋଇଥାଏ। ଯେଉଁଥିରୁ ବାହାରିବା ପାଇଁ ଆମେ ବ୍ୟାକୁଳ ହୋଇଥାନ୍ତି କିନ୍ତୁ କିଛି ବୁଦ୍ଧି ଜୁଟେନାହିଁ। ଏଭଳି ପରିସ୍ଥିତିକୁ ସାମନା କଲାବେଳେ ଠିକ୍ ଭୁଲ୍ ଅଙ୍କକଷାରେ ଆମେ କିଂକର୍ତ୍ତବ୍ୟବିମୁଢ ହୋଇଯାଆନ୍ତି। ଦ୍ୱିଧା ଭିତରେ ସମୟ କାଟିବାର କ୍ଷଣ ଅସହ୍ୟ ଲାଗେ। କିନ୍ତୁ କିଭଳି ଆମେ ସୂଚାରୁରୂପେ କାମ କରିବା ବା ସିଦ୍ଧାନ୍ତରେ ଉପନୀତ ହେବା ଏଥିପାଇଁ ଆମକୁ ହିଁ ପ୍ରଚେଷ୍ଟା ବା ପ୍ରଯତ୍ନ କରିବାର ଅଛି।

ବେଳେବେଳେ ଆମ ମୁଣ୍ଡରେ ଅନେକ ସମସ୍ୟା ଥାଏ ଏବଂ ଆମେ ସମାଧାନର ବାଟ ପାଆନ୍ତିନି। ପାଗଳପ୍ରାୟ ଯାକୁ, ତାକୁ ନିଜର ଦୁଃଖ କହି ହାଲୁକା ହେବାକୁ ଚାହାନ୍ତି, ସମାଧାନର ପନ୍ଥା ପଚାରନ୍ତି। ଆମେ ଭାବନ୍ତି କେହି ଆମକୁ ଭଲ ପରାମର୍ଶଟିଏ ଦେବ ବା ଆମ ଦୁଃଖକୁ ସମାଧାନ କରିବାର ବାଟ ବତେଇଦେବ। କିନ୍ତୁ ଏସବୁର ଆବଶ୍ୟକତା କ'ଣ? ସମସ୍ୟା ଯେତେବେଳେ ଆପଣଙ୍କର,ଆପଣ ହିଁ ଭଲଭାବେ ଜାଣିଥିବେ ସମସ୍ୟାର କାରଣ କ'ଣ ଏବଂ ସମାଧାନ କିଭଳି କରାଯାଇପାରିବ। ଏହା ମଧ୍ୟ ଆପଣଙ୍କଠୁ ଅଧିକ କେହି କହିପାରିବେ ନାହିଁ। କାରଣ ପ୍ରତ୍ୟେକ ମଣିଷ ନିଜ ନିଜର ସ୍ୱତନ୍ତ୍ର ଦୁନିଆ ଭିତରେ ଥାଏ,ତା ନିଜର ଭିନ୍ନ ଉପଲବ୍ଧି,ଭିନ୍ନ ବିଚାର, ଭିନ୍ନ ସଂସ୍କାର ଓ ବିଭିନ୍ନ ସମସ୍ୟା ଦେଇ ଏକ ସାମାଜିକ ଜୀବନ କାଟୁଥାଏ। ଆପଣଙ୍କ ସମସ୍ୟା ଶୁଣିବା ପରେ ହୁଏତ ସେ ନିଜର ବିଚାର ଅନୁସାରେ ଭଲ ପରାମର୍ଶ ଦେଇପାରେ ନତୁବା ନିଜର ବିତୃଷ୍ଣା ଅନୁସାରେ ସୁଧୁରୁଥିବା ଆପଣଙ୍କ ସମସ୍ୟାକୁ ଆହୁରି ବିଗାଡି ଦେଇପାରେ। ତେଣୁ ଆପଣ ଯଦି କୌଣସି ଜଟିଳ ପରିସ୍ଥିତିରେ ଅଛନ୍ତି, କେବେ ବି ଅନ୍ୟକୁ ପରାମର୍ଶ ମାଗନ୍ତୁ ନାହିଁ।

ଆମର ଭାଗବତରେ ଗୋଟେ କଥା ଅଛି 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ'। ମନଠାରୁ ଅଧିକ ପରାମର୍ଶ କେହି ଦେଇ ପାରିବେନି। ଯେତେବେଳେ କୌଣସି ସମସ୍ୟା ଆପଣଙ୍କୁ ବିବ୍ରତ କରୁଛି,ନିଜ କୋଠରୀରେ ଏକାନ୍ତରେ କିଛି କ୍ଷଣ ବସିଯାଆନ୍ତୁ। ମନଭିତରେ ଚାଲୁଥିବା ଦ୍ୱନ୍ଦ,ସମସ୍ୟାକୁ କାଗଜରେ ଗୋଟି ଗୋଟି ଲେଖିଯାଆନ୍ତୁ। ଦେଖିବେ ଲେଖିସାରିବା ବେଳକୁ ଆପଣଙ୍କ ମନ ବହୁତ ହାଲୁକା ଅନୁଭବ କରୁଥିବ। ସ୍ଥିର ମନରେ ବସି ଲେଖିଥିବା ସମସ୍ୟା ଗୁଡ଼ିକର କାରଣ ଓ କଣ କଲେ ସମାଧାନ ହୋଇପାରିବ ନିଜ ଅନ୍ତରାତ୍ମାକୁ ପଚାରନ୍ତୁ।

ଆପଣଙ୍କ ମନ ଯାହା କହୁଛି ଆପଣ ତାକୁ ଉତ୍ତର ଭାବି କାଗଜରେ ଲେଖନ୍ତୁ। ନିଜ ଅନ୍ତରାତ୍ମାର ଉତ୍ତର ଲେଖିବାବେଳେ ସମାଜ, ସଂସାର,ସମ୍ପର୍କମାନେ କିଏ କଣ କହିବେ ଅଯଥା ଭାବନ୍ତୁନାହିଁ। ଏ ପୃଥିବୀ ରଙ୍ଗମଞ୍ଚରେ କେହି କାହାର ନୁହନ୍ତି।କାହାର ପ୍ରଶଂସାରେ ଉତଫୁଲିତ ହେବା କିମ୍ବା ନିନ୍ଦା, ଅପବାଦରେ ବିଚଳିତ ହେବାର ଆବଶ୍ୟକତା ନାହିଁ। ଅନ୍ୟ କାହା ଉପରେ ନିର୍ଭରଶୀଳ ହୋଇ ନିଜ ସମସ୍ୟାର ପନ୍ଥା ଖୋଜିବା ଅପେକ୍ଷା ନିଜ ମନକୁ ପଚାରନ୍ତୁ,ସେ ହିଁ ସଠିକ ଓ ଯୁକ୍ତାତ୍ମକ ଉତ୍ତର ଦେଇପାରିବ।

କୌଣସି ପରିସ୍ଥିତିରେ ଅଧର୍ଯ୍ୟ ହୁଅନ୍ତୁ ନାହିଁ। ଦୁନିଆର ସବୁ ସମସ୍ୟାର ସମାଧାନ ଆମ ମସ୍ତିଷ୍କ ଭିତରେ ରହିଛି।ଆମେ ହୁଏତ ତାକୁ ଉପଯୋଗ କରିବା ଜାଣି ନାହାନ୍ତି। କୌଣସି ସମସ୍ୟାରେ ଘାରିହେବା ପୂର୍ବରୁ ଆମ ଭିତରେ ଥିବା ଆତ୍ମଶକ୍ତିକୁ ଦୃଢ କରିବା ଆବଶ୍ୟକ। ତାହା ହିଁ ସମାଧାନର ବାଟ ବତାଇଥାଏ। ନିଜର ଦୁଃଖ ଅନ୍ୟକୁ କହିଲେ ସେମାନେ ଗପ ଭଳି ଶୁଣିନିଅନ୍ତି ଓ ଉପରଠାଉରା ମତାମତଟିଏ ଦେଇଦିଅନ୍ତି। କିନ୍ତୁ ଆମ ଆତ୍ମା କେବେ ଆମକୁ ଠକେନାହିଁ,ଭୁଲ୍ ପରାମର୍ଶ ଦିଏନାହିଁ। ତେଣୁ ଆମର ସମସ୍ୟାକୁ ଆମ ଭିତରର ଆତ୍ମା ହିଁ କେବଳ ସମାଧାନ କରିପାରିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର

# ମମିତାଙ୍କୁ ନ୍ୟାୟ ପାଇଁ ଦୀପାବଳିରେ ଦୀପଟିଏ ଜାଳିବାକୁ ବିଜେପିର ନିବେଦନ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟାକାଣ୍ଡକୁ ୨୫ ଦିନ ବିତିଗଲାଣି ଏବଂ ଏହି ବିଭତ୍ସ ହତ୍ୟାକାଣ୍ଡ ସମଗ୍ର ଓଡିଶାବାସୀଙ୍କୁ ଲଜ୍ଜିତ କରିଛି । ମୃତ ଓଡିଆ ଝିଅ ମମିତା ଏବଂ ତାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ସମଗ୍ର ରାଜ୍ୟବାସୀ ଏକାଠି ହୋଇ ସ୍ୱର ଉଠାଇଛନ୍ତି । ସ୍ୱର୍ଗତଃ ମମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପବିତ୍ର ଦୀପାବଳୀ ଦିନ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଏକ କୋଟି ଓଡିଆ ପରିବାରକୁ ବିନମ୍ର ନିବେଦନ କରିଛନ୍ତି । 'ବିଜେଡି ଶାସନରେ, ମହିଳା ବିପଦରେ' । ସଦ୍ୟ ପ୍ରକାଶିତ ଏନସିଆରବି-୨୦୨୦ ରିପୋର୍ଟ ଅନୁଯାୟୀ ରାଜ୍ୟରେ ମହିଳା ହିଂସା ଓ ନିର୍ଯ୍ୟାତନା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ନାରୀ ଅପହରଣ, ଦୁଷ୍କର୍ମ, ବଳାତ୍କାର, ନିଖୋଜ, ଏସିଡ୍ ଆକ୍ରମଣ, ସାଇବର ଅପରାଧରେ ଓଡିଶା ରାଜ୍ୟ ସମଗ୍ର ଦେଶରେ ଆଜି ପ୍ରଥମ ସ୍ଥାନ ଅଧିକାର କରିଛି, ଯାହାକି ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଲଜ୍ଜା ଓ ଚିନ୍ତାର କାରଣ ସାଜିଛି । ରାଜ୍ୟରେ ପ୍ରତିଦିନ ହାରାହରି ୬ଟି ଦୁଷ୍କର୍ମ ଓ ୯ଟି ଅପହରଣ ହେଉଛି । ହିଂସାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ । ବରଂ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ମହିଳା ହିଂସା ବୃଦ୍ଧି ପାଉଥିବାବେଳେ ଏହି କାରଣରୁ ଦଣ୍ଡବିଧାନ ହାର ମଧ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି । ସେହିପରି ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା କାରଣରୁ ଗତ ୫ ବର୍ଷରେ ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ଘଟଣା ମଧ୍ୟ ଚିନ୍ତାର କାରଣ ସାଜିଛି । ଓଡିଶାରେ ବିଜେଡି ଶାସନରେ ମହିଳାମାନେ ବିପଦରେ ଅଛନ୍ତି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଏବଂ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓୟୁଏଟିରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସ୍ୱାଗତ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଯାତ୍ରା କରୁଥିବା ଭାରତର ବିଜୟ ଗୌରବ ପାଳନର ସ୍ମାରକୀ "ସ୍ୱର୍ଣ୍ଣିମ ବିଜୟ ମଶାଲ"କୁ ଭୁବନେଶ୍ୱର ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପରିସରରେ ସ୍ୱାଗତ କରାଯାଇଛି । ୧୨୦ ବାଟାଲିୟନସ୍ଥିତ ଆର୍ମିଷ୍ଟେସନ ହେଡ୍‌କ୍ୱାର୍ଟର୍ସଠାରୁ ବିଜୟ ମଶାଲ ଯାତ୍ରା କରି ଓ.ୟୁ.ଓ.ଟିରେ ପହଁଚିବା ପରେ ଓଡିଶା ଏନ.ସି.ସି ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ କମୋଡର ସୋମେନ୍ ବାନାର୍ଜୀ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ପଓ୍ୱନ କୁମାର ଅଗ୍ରଓ୍ୱାଲଏହାକୁ ଗ୍ରହଣ କରିଥିଲେ । ଦେଶର ସୁରକ୍ଷା ଏବଂ ପଡୋଶୀ ବାଂଗଲା ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ବୀର ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଅନ୍ୟ ଅତିଥିମାନେ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ନିକଟରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ପରେ ପରେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ଉପଲକ୍ଷେ ବିଶ୍ୱବିଦ୍ୟାଳୟର ଏମ୍.ଏସ୍. ସ୍ୱାମୀନାଥନ ହଲ୍ ଠାରେ ଆୟୋଜିତ ଏକ ସାଧାରଣ ସଭାରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କୁଳପତି ଡଃ. ଅଗ୍ରଓ୍ୱାଲ କହିଲେ ଯେ, ସ୍ୱର୍ଣ୍ଣିମ ବିଜୟ ମଶାଲ ବିଶ୍ୱବିଦ୍ୟାଳୟକୁ ଆସିବା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ । ପ୍ରତିରକ୍ଷା ବିନା ଦେଶର ସୁରକ୍ଷା ଓ ଉନ୍ନତି ସମ୍ଭବ ନୁହେଁ । ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ଓ ବିଜୟ ମଶାଲକୁ ସ୍ୱାଗତ ପରିପ୍ରେକ୍ଷୀରେ ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧୯୭୧ ଯୁଦ୍ଧ ସଂପର୍କିତ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତ୍ ସହିତ ଅନୁଷ୍ଠିତ ଓଡିଆ ପ୍ରବନ୍ଧ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଅପରାହ୍ଣରେ ବିଜୟ ମଶାଲ ୧୯୭୧ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ୫ ଜଣ ବୀର ଯୋଦ୍ଧା ଯଥା ଉଇଙ୍ଗ କମାଣ୍ଡର ଅଶୋକ କୁମାର ମହାନ୍ତି, ସ୍ୱର୍ଗତ ବ୍ରିଗେଡିୟର ନାରାୟଣ ନାୟକଙ୍କ ପତ୍ନୀ ଶ୍ରୀମତୀ ସୁନନ୍ଦା ନାୟକ, ସ୍ୱର୍ଗତ କର୍ଣ୍ଣେଲ ମହୀ ପ୍ରସାଦ ମହାନ୍ତିଙ୍କ ପତ୍ନୀ ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି, ଲେଫଟନାଣ୍ଟ କର୍ଣ୍ଣେଲ ଶରତ କୁମାର ମହାପାତ୍ର ଏବଂ ବ୍ରିଗେଡିୟର ରାଜ ପଣ୍ଡାଙ୍କ ବାସଗୃହକୁ ଯାତ୍ରା କରିଥିଲା । ସମସ୍ତ ସ୍ଥାନରେ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ କରାଯିବା ସହିତ ବୀର ଯୋଦ୍ଧାମାନେ ସେମାନଙ୍କର ୧୯୭୧ ଯୁଦ୍ଧରେ ଅଂଶଗ୍ରହଣ ସମୟର ଓ ଅନୁଭୂତି ସଂପର୍କରେ ବ୍ୟାଖ୍ୟା କରିଥିଲେ ।

# ପୂର୍ବତଟ ରେଳପଥର ସତର୍କତା ସଚେତନତା ସପ୍ତାହ -୨୦୨୧ ଉଦ୍‌ଯାପିତ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ସପ୍ତାହବ୍ୟାପୀ ଆୟୋଜିତ ହେଉଥିବା ସତର୍କତା ସଚେତନତା ସପ୍ତାହ ଆଜି ଶେଷ ହୋଇଛି । ଏହି ଅବସରରେ ବରିଷ୍ଠ ଉପମହାପ୍ରବନ୍ଧକ ସୁଧୀର କୁମାର ଏହି ଅବସରରେ ଅନ୍-ଦି-ସ୍ପଟ୍ ପ୍ରବନ୍ଧ, ବିତର୍କ ଏବଂ ପେଂଟିଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରେଳ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କୁ ସାର୍ଟିଫିକେଟ୍ ଏବଂ ପୁରସ୍କାର ପ୍ରଦାନ କରିଥିଲେ । ସତର୍କତା ସଚେତନତା ସପ୍ତାହ -୨୦୨୧ କୁ ସ୍ମରଣୀୟ କରିବା ପାଇଁ ରେଳପଥର ସତର୍କତା ବିଭାଗ ପକ୍ଷରୁ କର୍ମଚାରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ସଚେତନ କରିବା ତଥା ସ୍ୱଚ୍ଛତା ଆଣିବା ପାଇଁ ଏହି ପ୍ରତିଯୋଗିତାଗୁଡ଼ିକର ଆୟୋଜନ କରିଥିଲା ଯାହାକି ପରବର୍ତ୍ତୀ ମୁହୂର୍ତ୍ତରେ ସ୍ୱଚ୍ଛତା ଏବଂ ପ୍ରଭାବଶାଳୀ ସେବା କରିବାରେ ସାହାଯ୍ୟ କରିବ । ଏହି ଅବସରରେ ସୁଧୀର କୁମାର ପୂର୍ବତଟ ରେଳପଥର ଓ୍ୱାଲ ମାଗାଜିନ ଅତସୀ କୁସୁମର ଅନାବରଣ କରିଥିଲେ । ଚଳିତ ମାସର ସ୍ୱତନ୍ତ୍ର ସଂସ୍କରଣ ସତର୍କତା ସମ୍ବନ୍ଧରେ ଆଧାରିତ ଥିଲା । ପୂର୍ବତଟ ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ଏହି ଉଦଯାପନୀ ଉତ୍ସବକୁ ସଂଯୋଜନା କରିଥିଲେ ।

# କଳିଙ୍ଗ ଷ୍ଟାଡିୟମ୍‌ରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସ୍ୱାଗତ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନର ସ୍ମାରକୀ ପବିତ୍ର ବିଜୟ ମଶାଲକୁ ମଙ୍ଗଳବାର ପୂର୍ବାହ୍ଣରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସକୁ ଅଣାଯାଇଥିଲା । ଏହାକୁ ଭାରତୀୟ ହକି ଦଳର ପୂର୍ବତନ ଅଲିମ୍ପିକ୍ ଖେଳାଳି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ତଥା ଲାଜାରସ୍ ବାର୍ଲା ଶ୍ରଦ୍ଧା ଓ ସମ୍ମାନର ସହ ଗ୍ରହଣ କରିଥିଲେ । ୧୯୭୧ ଯୁଦ୍ଧର ବୀର ଯବାନମାନଙ୍କ ସ୍ମୃତିଚାରଣ କରିବା ସହ ବୀର ଯୋଦ୍ଧାମାନଙ୍କ ବୀରତ୍ୱ ଓ ସଫଳତା ପାଇଁ ଆମେ ଗର୍ବିତ ବୋଲି ପଦ୍ମଶ୍ରୀ ଶ୍ରୀ ତିର୍କୀ ପ୍ରକାଶ କରିଥିଲେ । ଏଥିସହ ଏଠାରେ ଆଗାମୀ ଜୁନିଅର ବିଶ୍ୱ ହକି ଚମ୍ପିୟାନସିପ୍‌ରେ ଅଂଶ ଗ୍ରହଣ କରିବାକୁ ଥିବା ପୁରୁଷ ଓ ମହିଳା ଦଳର ହକି ଖେଳାଳିମାନେ ମଧ୍ୟ ଉପସ୍ଥିତ ରହି ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ କରିଥିଲେ ।

# ନିୟମ ମାନିବା , କମ୍ ସମୟ ବାଣ ଫୁଟାଇବା : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ଗ୍ରୀନ୍ କ୍ରାକରରେ ପ୍ରଦୂଷଣର ମାତ୍ରା କମ୍ । ସରକାରଙ୍କ ନିୟମ ମାନି ଆମେ କମ୍ ସମୟ ବାଣ ଫୁଟାଇବା । ଅମାନିଆ ହୋଇ ଅନ୍ୟ ବାଣ ଫୁଟାଇଲେ ପ୍ରଦୂଷଣର ମାତ୍ରା ବଢିବ । ଏହାଯୋଗୁଁ କେବଳ କୋଭିଡ୍ ରୋଗୀଙ୍କ ସମସ୍ୟା ବଢିବ ନାହିଁ ବରଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯିବ । ଆଜମା ଓ ବିଭିନ୍ନ ପ୍ରକାର ଆଲର୍ଜି ମଧ୍ୟ ହୋଇପାରେ । ସେହିପରି ପାର୍ବଣ ବୋଲି ଅଧିକ ସଂଖ୍ୟାରେ ଲୋକ ଏକାଠି ହେବା ମଧ୍ୟ ଅନୁଚିତ୍ । କାରଣ କୋଭିଡ୍ ଏବେ ବି ସମ୍ପୂର୍ଣ୍ଣ ଯାଇନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ଦୀପାବଳୀରେ ବାଣ ଫୁଟା ସମ୍ପର୍କିତ ମାମଲାର ବିଚାର କରି ଗତକାଲି ଓଡିଶା ହାଇକୋର୍ଟ କେବଳ ସବୁଜ ବାଣର ବିକ୍ରି ଓ ଫୁଟାଇବାକୁ ଅନୁମତି ଦେଇଥିଲେ ।

# ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟଙ୍କୁ ଭେଟିଲା ଏବିଭିପି

ଭୁବନେଶ୍ୱର,୩/ ୧୧ (ନି.ପ୍ର): ରାଜ୍ୟର ଜନଜାତି ରାଜ୍ୟରେ ଜନଜାତି ଛାତ୍ରଛାତ୍ରୀଙ୍କର ବିଭିନ୍ନ ସମସ୍ୟାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି କମିଶନସଦସ୍ୟ ଅନନ୍ତ ନାୟକଙ୍କୁ ରାଜ୍ୟ ଅତିଥି ଭବନରେ ଏବିଭିପିର ଏକ ପ୍ରତିନିଧି ମଣ୍ଡଳି ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ଷ୍ଟାଇପେଣ୍ଡଗୁଡିକ ଛାତ୍ରମାନଙ୍କୁ ମାସିକ ଭିତିରେ ପ୍ରଦାନ କରାଯିବା , ଖାଦ୍ୟ, ଅଧ୍ୟୟନ କକ୍ଷ, ପରିମଳ ସମେତ ହଷ୍ଟେଲ ଭିତିଭୂମିର ଉନ୍ନତି , ସ୍ଥାନୀୟ ସ୍ତରରେ ଛାତ୍ର ପ୍ରତିନିଧୀ ହେବା , ରାଜ୍ୟ ବିଶ୍ୱବିଦ୍ୟାଳୟରେ ଜନଜାତିଙ୍କ ଉପରେ ଗବେଷଣା ପାଇଁ ଉତ୍ସର୍ଗୀକୃତ ଚେୟାର . କ୍ରୀଡା, ସଂସ୍କୃତି ଏବଂ ଅନ୍ୟାନ୍ୟ ଐତିହ୍ୟର ଅଭ୍ୟାସକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବିଭିନ୍ନ ଉଦ୍ଦେଶ୍ୟରେ ସହରାଂଚଳରେ ରହୁଥିବା ଜନଜାତି ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ଏସମ୍ପର୍କରେ ଶ୍ରୀ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳରେ ଏବିଭିପିର ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ଗୋବିନ୍ଦ ନାୟକ, ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଅଭିଳାଷ ପଣ୍ଡା, ରାଜ୍ୟ ଜନଜାତି କାର୍ଯ୍ୟ ସହ ସଂଯୋଜକ ଦେବରାଜ ମାଝୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା କବିତା କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ଇଏମ୍ ଉଚ୍ଛେଦ କରି ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ମାନ୍ୟତା ଦାବି: ଲୋୟର ପିଏମ୍‌ଜିରେ ଗର୍ଜିଲା ମହାସଂଘ

ଭୁବନେଶ୍ୱର:୩/ ୧୧ (ନି.ପ୍ର): ବିଭିନ୍ନ ଦାବିରେ ଅଲ୍ ଓଡ଼ିଶା ଗ୍ରାମ୍ୟ ପାନୀୟ ଜଳଯୋଗଣ କର୍ମଚାରୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମହାସଂଘ ପକ୍ଷରୁ ଗତ ସେପଟ୍ଟେମ୍ବର୨୫ତାରିଖ ଠାରୁ ୩୯ଦିନ ଧରି ଲୋୟର ପିଏମଜି ଠାରେ ଧାରଣା ଚାଲିଥିବା ବେଳେ ଆଜି ଶୋଭାଯାତ୍ରାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯିବା ସମୟରେ ପୁଲିସ ବିକ୍ଷୋଭକାରୀଙ୍କୁ ମାଷ୍ଟର କ୍ୟାଣ୍ଟିନ ଠାରେ ଅଟକାଇଥିଲା । ସଂଘର ଏକ ୫ଜଣିଆ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବା ପାଇଁ ଯାଇଥିଲେ । ହେଲେ ମନ୍ତ୍ରୀ ଉପସ୍ଥିତ ନଥିବାରୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି । ମହାସଂଘ ପକ୍ଷରୁ କରାଯାଇଥିବା ଦାବି ଗୁଡ଼ିକ ମଧ୍ୟରେ ଏସ୍‌ଇଏମ୍ ଉଚ୍ଛେଦ କରି ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀ ମାନ୍ୟତା, ସମାନ କାମକୁ ସମାନ ଦରମା ପ୍ରଦାନ, ଗ୍ରାମ ପଞ୍ଚାୟତରୁ ଦରମା ବନ୍ଦ କରାଯାଇ ବିଭାଗରୁ ଦରମା ପ୍ରଦାନ, ନିଯୁକ୍ତି କ୍ଷେତ୍ରରେ ୫ବର୍ଷ ବୟସ କୋହଳ କରିବା, ୧୦ବର୍ଷର ଏରିଅର ପ୍ରଦାନ, କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାର ଜଣେ ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ଓ କାର୍ଯ୍ୟକାରୀ ହେଉଥିବା ମେଗାପ୍ରକଳ୍ପରେ ଏସ୍‌ଇଏମ୍ ମାନଙ୍କୁ ନିଯୁକ୍ତି ପ୍ରଦାନ ଆଦି ରହିଛି । ସଂଘର ସୂଚନା ଅନୁଯାୟୀ ରାଜ୍ୟରେ ୨୫ହଜାର କର୍ମଚାରୀ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏସ୍‌ଇଏମ୍ କର୍ମଚାରୀ ମାନେ ବସୁଧା ଓ ମେଗା ପ୍ରକଳ୍ପ ତଥା ନଳକୂପ ମରାମତି କାର୍ଯ୍ୟ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଉଛନ୍ତି ।

# ଘରକୁ ଘରକୁ ଟିକାକାରଣ ପ୍ରକ୍ରିୟା ଫଳପ୍ରଦ ହେଉଛି, ସଂକ୍ରମଣ କମ ଥିଲେ ବି ସତର୍କ ରହିବା ଜରୁରୀ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର

ଭୁବନେଶ୍ୱର,୩/ ୧୧ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ଏବେ ରାଜ୍ୟ ସରକାର ଘରକୁ ଘରକୁ ଯାଇ ଟିକାକାରଣ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଆଜି ଚାଲିଥିବା ଏହି ପ୍ରକ୍ରିୟା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି ଯେ, ଘରକୁ ଘରକୁ ଯାଇ ଟିକାକାରଣ କରିବା ପ୍ରକ୍ରିୟା ଆରମ୍ଭ ହେବା ପରେ ଏବେ ଟିକାକରଣ ସଂଖ୍ୟା ବଢ଼ିଛି । ଯେଉଁମାନେ ଟିକା ନେଇନାହାଁନ୍ତି ସେମାନେ ଟିକା ନିଅନ୍ତୁ ଓ ନିଜକୁ ସୁରକ୍ଷିତ ରଖନ୍ତୁ । ଯେଉଁମାନେ ଟିକା ନେଇ ନାହାଁନ୍ତି ସେମାନେ ସରକାରଙ୍କ ଶେଷ ମୁହୂର୍ତ୍ତର ଏହି ସୁବିଧାର ଲାଭ ଉଠାନ୍ତୁ ।

ରାଜ୍ୟରେ ସଂକ୍ରମଣ କମ ହେଉଥିବା ନେଇ ପ୍ରଶ୍ନ କରାଯିବା ପରେ ଉତ୍ତରରେ ସେ କହିଛନ୍ତି ଯେ, କରୋନା ରୋଗୀଙ୍କ ସଂଖ୍ୟା ଏବେ କମ ଅଛି । ଆଇସିୟୁରେ ମଧ୍ୟ କମ ରୋଗୀ ଭର୍ତ୍ତି ହେଉଛନ୍ତି । ଆମ ପାଖରେ ସବୁ ପ୍ରକାର ବ୍ୟବସ୍ଥା ଅଛି ତାମାନେ ନୁହେଁ ଯେ ଆମେ ବିପଦ ମୁକ୍ତ ହୋଇଗଲେ । ଏବେ ଅଲଗା ଦେଶରେ ସଂକ୍ରମଣ ବଢୁଛି । ତେଣୁ ଏବେ ଆମକୁ ସଚେତନ ହେବାକୁ ପଡ଼ିବ । ବିପଦ ସୃଷ୍ଟି ହେବା ଭଳି ପରିସ୍ଥିତି ନଆସିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ । ସେ ଆହୁରି ମଧ କହିଛନ୍ତି ଯେ, ଆସନ୍ତାକାଲି ଦୀପାବଳି । ତେଣୁ ସମସ୍ତେ ସତର୍କ ରହି ଏହି ପର୍ବକୁ ପାଳନ କରନ୍ତୁ । ସବୁଜ ବାଣ ଫୁଟାଇ ଦୀପାବଳି ପାଳନ କରି ପରିବେଶକୁ ସୁରକ୍ଷିତ ରଖନ୍ତୁ । ବାଣ ଫୁଟାଇବା ବେଳେ ଦୃଘଟଣା ଘଟିବାର ସମ୍ଭାବନା ଥିବାରୁ ଶିଶୁମାନଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦେବା ଦରକାର । ଏହା ସହ ବାୟୁ ପ୍ରଦୂଷଣ ଯେପରି ନ ହେବ ସେ ନେଇ ଯତ୍ନବାନ ହେବା ଜରୁରୀ ।

# ସେନା ପାଳୁଛି ସ୍ୱର୍ଣ୍ଣିମ ବିଜୟ ଦିବସ : କର୍ଣ୍ଣେଲ ମହିପ୍ରତାପ ମହାନ୍ତିଙ୍କୁ ସମ୍ମାନ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ଭାରତୀୟ ସେନାର ଗର୍ବଗୌରବ ଇତିହାସ ସଦାସର୍ବଦା ଦେଶକୁ ଗର୍ବିତ କରିଛି । ସେନାଙ୍କ ବଳିଦାନ ଓ ତ୍ୟାଗ ସଂଗ୍ରାମର ପରାକାଷ୍ଠା ଭାରତ ପାଇଁ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଛି । ୧୯୭୧ ମସିହାରେ ପାକିସ୍ତାନ ବିରୁଦ୍ଧରେ ଭାରତୀୟ ସେନା ସଫଳାତାର ଯୁଦ୍ଧ ଦେଖି ଯେଉଁ ବିଜୟ ଇତିହାସ ସୃଷ୍ଟି କରିଛନ୍ତି, ତାହା ୫୦ ବର୍ଷ ପୂର୍ତ୍ତି ସେନା ପାଳନ କରୁଛି । ଏହି ଅବସରରେ ଭାରତୀୟ ସେନାର ଯୋଦ୍ଧାମାନଙ୍କୁ ସମ୍ମାନିତ କରିବା ପାଇଁ ବିଜୟ ମଶାଲ ବାହାର କରିଛି । ଏହି ବିଜୟ ସ୍ୱର୍ଣ୍ଣିମ ଇତିହାସରେ କର୍ଣ୍ଣେଲ ମହିପ୍ରତାପ ମହାନ୍ତିଙ୍କ ଦେଶପାଇଁ କର୍ତବ୍ୟନିଷ୍ଠା ଓ ତ୍ୟାଗର ପରିଚୟ ଛାଡି ଯାଇଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ଦେଶଭକ୍ତି ଓ ଦେଶପ୍ରେମର ସମର୍ପିତ ସେବା ପାଇଁ ବିଜୟ ଦିବସ ଉପଲକ୍ଷେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ୧୨୦ ଇନଫାନଟ୍ରି ବାଟାଲିୟନ ତରଫରୁ ବିଜୟ ମଶାଲ ଶୋଭାଯାତ୍ରା ପହଂଚିଥିଲା । ଆଜି ଅପରାହ୍ଣ ୩ ଘଟିକାରେ ଉଚ୍ଚପଦସ୍ଥ ସେନାଅଧିକାରୀ ଲେଡି ପି.ଏଲିୟାସ ନେତୃତ୍ୱରେ ବିଜୟ ମଶାଲ ସ୍ୱର୍ଗତ କର୍ଣ୍ଣେଲଙ୍କ ବାସଭବନରେ ପହଂଚିଥିଲେ । କର୍ଣ୍ଣେଲ ମହିପ୍ରତାପ ମହାନ୍ତିଙ୍କ ଧର୍ମପତ୍ନୀ ବିଜୟଲକ୍ଷ୍ମୀଙ୍କୁ ସେନା ପକ୍ଷରୁ ଉତରୀୟ ଦେଇ ସମ୍ମାନିତ କରାଯାଇଛି । ସମ୍ମାନୀତ ହେବାପରେ ତାଙ୍କ ଧର୍ମପତ୍ନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦେଶର ନୂଆ ପିଢି ଦେଶ ପାଇଁ ସେବା କରିବାର ମନୋଭାବ ପୋଷଣ କରନ୍ତୁ । କର୍ଣ୍ଣେଲ ମହାନ୍ତି ୧୯୬୦ ମସିହାରେ ଭାରତୀୟ ସେନାରେ ଯୋଗଦେଇ ନିଜର ବୀରତ୍ୱର ପରାକାଷ୍ଠା ପ୍ରର୍ଶନ କରିଛନ୍ତି । ୧୯୬୨ ଚାଇନା ସହିତ ଭାରତର ଯୁଦ୍ଧ ଚାଲିଥିବାବେଳେ ଲଦାଖରେ ବହୁ ଦୁଃସାହସ ସହିତ ନିଜର କର୍ତବ୍ୟ ସମ୍ପାଦନା କରିଥିଲେ । ୧୯୬୫ ମସିହାରେ ପାକିସ୍ତାନ ସହିତ ଯୁଦ୍ଧ ଚାଲିଥିବା ବେଳେ ପୂର୍ବ ପାକିସ୍ତାନ ସୀମାରେ ସିଙ୍ଘାର୍ଷ ରାଡର ଷ୍ଟେସନର ସୁରକ୍ଷା ଦାୟିତ୍ୱରେ କର୍ଣ୍ଣେଲ ମହିପ୍ରତାପ ମହାନ୍ତି ଥିଲେ । ସେତିକିରେ ସରିନାହିଁ ତାଙ୍କର ଦେଶମାତୃକା ପ୍ରତି ସେବା ଓ ସମର୍ପଣ । ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧ ବେଳେ ପାକିସ୍ତାନ ବିରୋଧରେ ଭାରତର ଲଢେଇରେ ମୁମ୍ବାଇଠାରେ ମିଲିଟାରୀ ଆସେଟର ସବୁ ଦାୟିତ୍ୱ ସେ ତୁଲାଉଥିଲେ ।

# କୁଚିଣ୍ଡାରେ ଯୁବ କଂଗ୍ରେସ ସଭାପତିଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଉ : ସ୍ମୃତି ରଞ୍ଜନ ଲେଙ୍କା

ଭୁବନେଶ୍ୱର,୩/ ୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଯୁବ କଂଗ୍ରେସ ସଭାପତି ଜୟନ୍ତ କିଷାନଙ୍କୁ ପୋଲିସ ଉପସ୍ଥିତିରେ ବିଜେଡିର ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସଭାପତି ଡଃ ସ୍ମୃତି ରଞ୍ଜନ ଲେଙ୍କା ଦୃଢ଼ ନିନ୍ଦା କରିଛନ୍ତି । ଏହି ଘଟଣାର ପ୍ରତିବାଦ କରି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ଏଥିରେ ସଂପୃକ୍ତ ଗୁଣ୍ଡା ଏବଂ ଦୁଇ ଜଣ ମନ୍ତ୍ରୀଙ୍କୁ ଗିରଫ ସହ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡକ୍ଟର ଲେଙ୍କା ଦାବି କରିଛନ୍ତି । ଯଦି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତାହାଲେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଏହାର ପ୍ରତିବାଦରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା ଚେତାବନୀ ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ବିରେନ ଦଳେଇ, ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ରାମରାଜ ଅଲ୍ଲୀ, ବିଶ୍ୱଜିତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

# ରେଡକ୍ରସ୍ ପକ୍ଷରୁ ପରିବାର ପରାମର୍ଶ ସଂପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ତରଫରୁ ମା ତାରିଣୀ ବସ୍ତି, ଗଣ୍ଡମୁଣ୍ଡା, ଖଣ୍ଡଗିରି ପରିବାର ପରାମର୍ଶ ସଂମ୍ପର୍କିତ ଗୋଷ୍ଠୀସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମା ତାରିଣୀ ବସ୍ତିର ଯୁବତୀ ଏବଂ ମହିଳା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଜୟାଲକ୍ଷ୍ମୀ କର ପରିବାର ପରାମର୍ଶଦାତ୍ରୀ ସମାଜରେ ଘଟୁଥିବା ପରିବାରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସଂପର୍କରେ ଅବଗତ କରିଥିଲେ । ରେଡକ୍ରସ ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ମାଧ୍ୟମରେ ପରିବାର ର ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଉପରେ ଘଟୁଥିବା ଅନ୍ୟାୟ ,ଅତ୍ୟାଚାର ସହ ଏହାର ନିରାକରଣ ଓ ଏହାପାଇଁ ଉଦିଷ୍ଟଥିବା ଆଇନ ଗତ ଧାରା ଲୋକମାନଙ୍କ ପାଖରେ କିପରି ସହଜରେ ପହଂଚିପାରିବ ସେସଂପର୍କରେ ଶ୍ରୀମତୀ ବିଜୟାଲକ୍ଷ୍ମୀ କର ଆଲୋଚନା କରିଥିଲେ ।

# ମହଙ୍ଗାମାଡ଼ ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ପେଟ୍ରୋଲ , ଡ଼ିଜେଲ ସମେତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ମହଙ୍ଗା ବିରୋଧରେ ଭୁବନେଶ୍ୱରରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ଣରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଉଭୟ ସଂଗଠନର କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ ଟ୍ରଲି ଉପରେ ଏକ ସ୍କୁଟର ରଖି ପ୍ରତିବାଦ କରିବା ଦେଖାଯାଇଥିଲା । ସେଠାରେ ସିପିଆଇର ଜୋନ୍ ସମ୍ପାଦକ ସୁର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ– କରୋନା ଆଳରେ ମହଙ୍ଗା ମାଡ଼ ବେଢ଼ି ଉପରେ କୋରଡ଼ାମାଡ଼ ଭଳି ହୋଇଛି । ମୋଦି ସରକାର ସବୁ ଜିନିଷର ମୂଲ୍ୟବୃଦ୍ଧିକରି, ୧୩୦ କୋଟି ଲୋକଙ୍କ ପକେଟ୍ କାଟି ପୁଞ୍ଜିପତମାନଙ୍କୁ ମୁନାଫା ଦେବାରେ ଲାଗିଛନ୍ତି । ଅନ୍ୟମାନଙ୍କ ମଧରେ କ୍ଷେତ ମୂଲିଆ ନେତା ଛେଡମ୍ବର ଭୋଇ, ସୁବାସ ସାହୁ, ଅଶୋକ ବାରିକ, ରମେଶ ରାଉତ, ଡାକ ହେମ୍ବ୍ରମ୍, ଜରିନା ବିବି, ସୁଷମା ଭୋଇ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

# ମହିଳା ହିଂସାର ମୂଳ କାରଣ ଖୋଜିବାକୁ ପଡ଼ିବ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ମହିଳା ହିଂସା ବଢୁଛି । ତାହାକୁ ବିଲୋପ କରିବାକୁ ହେଲେ ଏହାର ମୂଳ କାରଣ ବାବଦରେ ଉଭୟ ପୁରୁଷ ଓ ମହିଳାଙ୍କୁ ସଚେତନ କରାଇବା ସହ ଗୋଷ୍ଠୀସ୍ତରରେ ପୀଡ଼ିତାଙ୍କ ପାଇଁ ଏକ ଦୃଢ଼ ସହାୟତା ପ୍ରଣାଳୀର ଆବଶ୍ୟକତା ରହିଛି ବୋଲି ଆଜି ସିଓ୍ୱାଇଏସ୍‌ଡି ପ୍ରେକ୍ଷାଳୟରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ମତପୋଷଣ କରିଛନ୍ତି । ଏଥିସହ ସିଓ୍ୱାଇଏସ୍ ?ଡି ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗ ପକ୍ଷରୁ କୋରାପୁଟ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ କୋଭିଡ-୧୯ ସମୟରେ ବଢ଼ିଥିବା ଲିଙ୍ଗୀୟ ହିଂସାକୁ ଗୋଷ୍ଠୀ ସହାୟତା ପ୍ରଣାଳୀ ଓ ସଚେତନତା ଜରିଆରେ ଦୂର କରିବା ପାଇଁ ଯେଉଁ ତ୍ୱରିତ ପ୍ରଭାବ ପ୍ରକଳ୍ପ ଆରମ୍ଭ ହୋଇଥିଲା ତାହାକୁ ଉପସ୍ଥାପନା କରାଯାଇଛି । ମହିଳା ହିଂସାର ସ୍ଥିତି ଜାଣିବା, ପୀଡ଼ିତାଙ୍କୁ ଲୋକଙ୍କ ସହାୟତା ନିଶ୍ଚିତତା ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ଜେଣ୍ଡର ଷ୍ଟଡିଜ୍ ଓ ସିଓ୍ୱାଇଏସ୍‌ଡିର ମିଳିତ ପ୍ରୟାସରେ ୩୮୨ ସ୍ଥାନୀୟ କୋଭିଡ୍ ଯୋଦ୍ଧାଙ୍କୁ ଚିହ୍ନଟ କରାଯାଇ ଲିଙ୍ଗୀୟ ସଚେତନତା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଅନୁଭବ ଉପସ୍ଥାପନା ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ତୃଣମୂଳସ୍ତରରେ ଯେଉଁ ସବୁ ସ୍ୱୟଂ ସହାୟକ ଦଳ, ଯୁବକ ସଂଘ, ମହିଳା ସଂଘଗୁଡ଼ିକ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ଘରୋଇ ହିଂସା ବାବଦରେ ସଚେତନ କରାଯିବାର ଆବଶ୍ୟକତା ଥିବା ପରାମର୍ଶ ଦେଇଥିଲେ । ସେହିପରି ମହିଳାଙ୍କୁ ନେଇ ରହିଥିବା ସାମାଜିକ ଦୃଷ୍ଟିଭଙ୍ଗୀ, ବ୍ୟବହାର ଓ ଇକୋ ସିଷ୍ଟମରେ ପରିବର୍ତ୍ତନ କରିବା, ବିଭିନ୍ନ ଗାଁରେ ମହିଳାମାନଙ୍କ ସମସ୍ୟା ଓ ଆବଶ୍ୟକତାକୁ ବୁଝିବା ପାଇଁ ଗବେଷଣା, ସେହି ଅନୁସାରେ ନୀତି ନିର୍ଦ୍ଧାରଣର ମଧ ଆବଶ୍ୟକତା ରହିଛି । ଆର୍ଥିକ ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକରେ ମହିଳା ହିଂସା ସମ୍ପର୍କିତ ସଚେତନତା ପ୍ରସଙ୍ଗ ଯୋଡ଼ିବା ସହିତ ମହିଳା ହିଂସାର ଲୋପ ଲାଗି ରହିଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଆବଶ୍ୟକ ବଜେଟର ବ୍ୟବସ୍ଥା ରହିବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଓ୍ୱାନ୍‌ଷ୍ଟପ୍ ସେଣ୍ଟର, ହେଲପ ଲାଇନ୍ ନମ୍ବର, ମହିଳା ଅପରାଧ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ବାବଦରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଓ ସଚେତନ କରାଯିବାର ଆବଶ୍ୟକତା ରହିଛି । ବାଲ୍ୟ ବିବାହ ପ୍ରକ୍ରିୟାକୁ ରୋକିବା ପାଇଁ ବ୍ୟାପକ ସଚେତନତା ଏବଂ ପୀଡ଼ିତାଙ୍କୁ ମନସ୍ତାତ୍ତ୍ୱିକ ପରାମର୍ଶ ଦେବାର ଆବଶ୍ୟକତା ରହିଥିବା ଅତିଥିମାନେ ମତ ଦେଇଥିଲେ ।

# କୁଚିଣ୍ଡାରେ କଂଗ୍ରେସ କର୍ମୀଙ୍କ ଆକ୍ରମଣକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୩/ ୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତକୁ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ କୁଚିଣ୍ଡା ଯୁବ କଂଗ୍ରେସ ସଭାପତି ଜୟନ୍ତ କିଷାନ ଓ ଛାତ୍ର କଂଗ୍ରେସ ନେତା ଆଶିଷ ପ୍ରତାପ ସିଂ ଗଣତାନ୍ତ୍ରୀକ ପ୍ରକ୍ରିୟାରେ ବିରୋଧ କରୁଥିବା ବେଳେ ବିଜୁ ଜନତା ଦଳର ଗୁଣ୍ଡାମାନେ ପୋଲସିର ଉପସ୍ଥିତିରେ ସେମାନଙ୍କୁ ଅତି ନୃଶଂସ ଭାବରେ ଆକ୍ରମଣ କରିଥିଲେ । ନବୀନ ବାବୁଙ୍କର ଏହି ହିଟଲରୀ ଶାସନକୁ ଛାତ୍ର କଂଗ୍ରେସ ଦୃଢ଼ ନିନ୍ଦା କରିବା ସହ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ନବୀନବାବୁଙ୍କ ଗସ୍ତକୁ ରାଜ୍ୟସାରା ବିରୋଧ କରାଯିବ । ଯେଉଁ ଅଘଟଣ ହେବ ଏହାର ପରିଣାମ ପାଇଁ ନବୀନ ବାବୁ ଦାୟୀ ରହିବେ । ଜନସାଧାରଣ ନବୀନ ସରକାରଙ୍କ ଏହି ଦମନମୂଳକ ନୀତିର ଜବାବ ଦେବେ ବୋଲି ସେ କହିଛନ୍ତି । ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରାଯାଇ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ସଭାପତି ଦାବି କରିଛନ୍ତି ।

## ଆଲୋକର ପର୍ବ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ଗଙ୍ଗା ଯାଅ ଗୟା ଯାଅ, କାଶୀ ଯାଅ, ପୁରୁଷୋତମରେ ମହା ପ୍ରସାଦ ଖାଇ ବାଇଶି ପାହାଚରେ ଗଡ ଗଡଉ ଥାଅ" । ଦୀପାବଳୀ ଦିନ ମହାକାଳୀଙ୍କ ପୂଜା ସହିତ ଲକ୍ଷ୍ମୀ-ଗଣେଶଙ୍କ ପୂଜା କରାଯାଇଥାଏ । ଏହି ଦିନଲୋକମାନେ ନୂଆ ପୋଷାକ ପରିଧାନ କରିଥାଆନ୍ତି । ରାତ୍ରରେ ଆଲୋକ ସଜ୍ଜା ସହିତ ବାଣ ଫୁଟାଯାଏ । ଏପରିକି ଲୋକମାନଙ୍କ ମଧ୍ୟରେ ବାଣ ପ୍ରତିଯୋଗୀତା ଆରମ୍ଭ ହୋଇଯାଏ । ଆଜିକାଲି ପରିବେଶ ସୁରକ୍ଷା ଓ ଶବ୍ଦ ପ୍ରଦ୍ୟୂଷଣ ରକ୍ଷା ପାଇଁ ବାଣ ଫୁଟାଇବା ଉଚିତ୍ ନୁହେଁ । ବର୍ଷା ଋତୁରେ ଜନ୍ମିତ କୀଟ ପତଙ୍ଗ ଦୀପାଲୋକରେ ନଷ୍ଟ ହୋଇଯାଆନ୍ତି । ଦୀପାବଳୀ ଦିନ ପଶୁ ବଳୀ, ଜୁଆ ଓ ନିଶା ସେବନରୁ ଆମେ ଦୂରେଇ ରହି ଭକ୍ତି ଓ ଶ୍ରଦ୍ଧାରେ ପୂର୍ବ ପୁରୁଷଙ୍କୁ ଦୀପ ଜାଳି ଆଶୀର୍ବାଦ ଭୀକ୍ଷା କରିବା ଉଚିତ୍ । ଦୀପାବଳୀ ଏକ ଜାତୀୟ ପର୍ବ । ଏହି ଆଲୋକର ଉତ୍ସବ ତ୍ୟାଗ, ସଂଗଠନ ଓ ପବିତ୍ର ଭାବର ସନ୍ଦେଶ ପ୍ରଦାନ କରେ । ଆଲୋକ ଅନ୍ଧକାର ଦୂର କରିବା ପରି ଆମ ହୃଦୟରୁ ଅଜ୍ଞାନ ଅନ୍ଧକାର ଦୂର କରିବା ଏହି ପର୍ବର ଲକ୍ଷ୍ୟ । ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୀପାବଳୀ କହେ-

"ଦୀପ ପରି ଜଳି ନର କର ବିଶ୍ୱ ଉପକାର
ହୃଦୟ ତିମିର ନାଶ କରି ହୁଅ ଅଗ୍ରସର ।"

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

## କୃଷିଭିତ୍ତିକ ବିଧିରେ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ଅମଳ ଋତୁ ଉପନୀତ ହୁଅନ୍ତେ ଶସ୍ୟକ୍ଷେତ୍ର ସମେତ ଜନବସତିରେ କୀଟ ପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ପାଏ । କା୍ତିକ ମାସର ଅମାବାସ୍ୟା ଆଡକୁ ଏମାନଙ୍କ ସଂଖ୍ୟା ଏତେ ବୃଦ୍ଧି ପାଏ ଯେ ବିଶେଷ କରି ରାତ୍ରୀ ସମୟରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ । ଅମାବାସ୍ୟା ପୂର୍ବ ପରକୁ ମିଶାଇ ପାଂ ଦିନ ମଶାଲ, ଦିହୁଡ଼ୀ, ଦୀପ, ଲଣ୍ଠନ ଆଦି ଜଳାଇ ପୋକଙ୍କୁ ଆକୃଷ୍ଟ କରି ଦମନ କରାଯାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ରାମଙ୍କର ଅନ୍ୟ ଏକ କଥା ତଥା 'ଉତ୍ସବ ତ୍ୱାଭିଧାନ' ଅନୁଯାୟୀ ଏକଦା କା୍ତିକ ମାସ ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ । ସତର୍କତା ପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜଳ ଆଲୋକ ପ୍ରଜ୍ଜଳନ କରାଯାଇଥିଲା ଏବଂ କାଳସର୍ପ ଦଂଶନର ଚକ୍ରାନ୍ତ ପଣ୍ଡ ହୋଇଥିଲା । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ଭଗବାନ ବିଷ୍ଣୁ ଭକ୍ତ ପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଯାଚିବାରୁ ସେ ବିନୀତଭାବେ ପ୍ରତ୍ୟାଖାନ କରିବାରୁ ତାଙ୍କର ନାତି ବଳୀ ରାଜାଙ୍କୁ ଏହିଦିନ 'ଇନ୍ଦ୍ରପଦ' ପ୍ରଦାନ କରିଥିଲେ । ତେଣୁ ଦାନବଗଣ ଦୀପଜଳାଇ, ବାଣ, ଆତସବାଜି ଫୁଟାଇ ଉତ୍ସବ ପାଳିଥିଲେ । ଆଉ ଏକ ପୌରାଣିକ କଥା ଅନୁସାରେ ବିରୋଚନ ପୁତ୍ର ବଳି ଇନ୍ଦ୍ର ଓ ମରୁତଗଣଙ୍କୁ ପରାସ୍ତ କରି ତ୍ରିଭୁବନ ଜୟକରି ପ୍ରଜାପାଳନ କରୁଥିଲେ । ଦାନପାଇଁ ସେ ପ୍ରସିଦ୍ଧ ଥିଲେ ଏବଂ ଯେ ଯାହା ମାଗୁଥିଲେ, ତାହା ଦାନ କରୁଥିଲେ । ତାଙ୍କର ବିକ୍ରମ ଓ ଦାନର ପ୍ରଭାବରେ ସେ ଇନ୍ଦ୍ର ଓ ଦେବତାମାନଙ୍କୁ ନିଷ୍ପ୍ରଭ କରିବାକୁ ବସିଲେ । ଏଥିରେ ଇନ୍ଦ୍ର ଓ ଦେବଗଣ ଭୟଭୀତ ହେଲେ । ବଳି ଏକ ପ୍ରସିଦ୍ଧ ଯଜ୍ଞ କଲେ । ଏହି ଯଜ୍ଞ ଶେଷହେଲେ ଇନ୍ଦ୍ର ଓ ଦେବଗଣଙ୍କର ସମସ୍ତ ଶକ୍ତି ଓ ତେଜ ଚାଲିଯିବ । ଏହାର ଆଶୁ ନିରାକରଣ ପାଇଁ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନିଲୋକ ପ୍ରାପ୍ତହେଲେ । ଦାନ ପ୍ରଦାନ ଛଳରେ ମାୟାବୀ ବିଷ୍ଣୁ ଗର୍ବୀ ବଳିଙ୍କୁ ତୃତୀୟ ପାଦରେ ପାତାଳ ଚାପି ଦେଲେ । କଥା ଦେଲେ ଯେ ବଳି ବର୍ଷରେ ଥରେ କା୍ତିକ ଶୁକ୍ଳ ପ୍ରତିପଦା ଦିନ ପୃଥ୍ୱୀ ଲୋକକୁ ଆସିପାରିବ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦ ଉଲ୍ଲାସରେ ପ୍ରଦୀପ ଜାଳି ତାଙ୍କୁ ସମ୍ବର୍ଦ୍ଧିତ କରିବେ । ସେହି ଆଲୋକ ସମ୍ବର୍ଦ୍ଧନା କାଳକ୍ରମେ ଦୀପାବଳି ଉତ୍ସବରେ ରୂପାନ୍ତରିତ ହେଲା । ଅନ୍ୟ କିଛି ପୌରାଣିକ ତଥ୍ୟ ଅନୁସାରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରକୁ କୃଷ୍ଣ ଚତୁର୍ଦ୍ଦଶୀ ଦିନ ବଧ କରିଥିଲେ ତେଣୁ ଖୁସିରେ ଆଲୋକର ଉତ୍ସବ ପାଳିତ ହେଇଥିଲା ଆଉ ଏହି ଦିନକୁ ନରକ ଚତୁର୍ଦ୍ଦଶୀ କୁହଯାଏ । ଋକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡ଼ି ରହିଥିଲା । କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ । ତେବେ ସେ ଯାହା ହେଉ ପବିତ୍ର ଦୀପାବଳି ଏକ ଆନନ୍ଦ ଉଲ୍ଲାସ ର ପର୍ବ ତଥା ଏକ ସୁନ୍ଦର ଭାଇଚାରା ର ପର୍ବ ଯାହା ଆମ ପାଇଁ ଗର୍ବ ଓ ଗୌରବର ପର୍ବ ଅଟେ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## ରାଷ୍ଟ୍ରୀୟ ମହାପର୍ବ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଦୀପାବଳି ଆମର ଜ୍ଞାନଗାମିନୀ ସଂସ୍କୃତିକ ଅମାନତ । ସେଇଥିପାଇଁ ଗଣେଶଙ୍କୁ ଆହ୍ୱାନ । ସେ ସତ୍‌ଜ୍ଞାନ ଓ ସତ୍‌ବୁଦ୍ଧିର ପ୍ରତୀକ । ଦୀପାବଳି ଆମ ସମୃଦ୍ଧିର ପ୍ରତୀକ; ସେଇଥିପାଇଁ ଲକ୍ଷ୍ମୀଙ୍କୁ ଆହ୍ୱାନ; ଦୀପାବଳି ଆମ ସ୍ୱାସ୍ଥ୍ୟ ଓ ପରିବେଶର ପ୍ରତୀକ, ସେଥିପାଇଁ ଧନନ୍ତ୍ୱରୀ ଓ ଗୋବର୍ଦ୍ଧନ ଇତ୍ୟାଦିଙ୍କ ପୂଜା; ଏହି ଦିନ ବାଣ ଓ ରୋଷଣୀର ପ୍ରଭାବରେ ବିନାଶ ହୁଅନ୍ତି ଅନିଷ୍ଟକାରୀ କେତେ କୀଟପତଙ୍ଗ; ଘର ଅଗଂନ ନିର୍ମଳ ଓ ସଫାସୁତରା ରଖୁଥିବା ହେତୁ ଏହା ପରିବେଶ ପରିମଳ ବ୍ୟବସ୍ଥା ପ୍ରତି ଏକ ଅନୁକୂଳ ବ୍ୟବସ୍ଥା; ଦୀପାବଳି ଆମ ଆତ୍ମାଲୋକର ନ୍ୟାସ ଯାହା ବିକାରରୂପୀ ରାବଣ ବା ରକ୍ତବୀର୍ଯ୍ୟଙ୍କୁ ବିନାଶକରି ସୀତା ବା ନାରୀ ରୂପୀ ଆତ୍ମାମାନଙ୍କୁ ମୁକ୍ତିଦେଇ ଆଲୋକିତ କରେ; ଏହା ଆର୍ଯ୍ୟ ସଂସ୍କୃତିର ଏମିତି ଏକ ପର୍ବ ଯାହା ଗୋଟିଏ ଦୀପରୁ ଅନ୍ୟ ଦୀପକୁ ଖାଲି ଆଲୋକିତ କରେ ନାହିଁ, ପ୍ରଜ୍ଜଳିତ କରେ । ଏକରୁ ଅନେକ ଦୀପପୁଞ୍ଜର ଆଲୋକରେ ଏ ପୃଥିବୀ ଉଦ୍‌ଭାସିତ ହୁଏ ଏବଂ ପୁରାତନ ଯାହାକିଛି ଅପାଙ୍କ୍ତେୟ, ତାକୁ ଜାଳିପୋଡ଼ି ନୂତନ ସୃଜନ ପାଇଁ ପଥପରିଷ୍କାର କରେ ।

ଏମିତି ଏକ ଦୀପାବଳି ଭାରତୀୟମାନଙ୍କର ହୃଦୟରେ ବିପ୍ଲବ ସୃଷ୍ଟି କରିଥିଲା । ଆମେ ସ୍ୱାଧୀନତା ସଂଗ୍ରାମରେ ମଶାଲଧରି ସଂଗ୍ରାମ କଲୁ ଓ ସ୍ୱାଧୀନ ହେଲୁ । ଅଥଚ ଆଜି ଆମେ ସ୍ୱାଧୀନ କି? ଏବେ ଦେଶରେ ସର୍ବତ୍ର ପରିବ୍ୟାପ୍ତ ଅନ୍ଧକାର । ଭାରତ ଆଜି ଅତ୍ୟାଚାର, ଅନାଚାର, ବ୍ୟଭିଚାର, ଭ୍ରଷ୍ଟାଚାର ଏବଂ ସ୍ୱାର୍ଥପର ଗୋଷ୍ଠୀଙ୍କ ଦ୍ୱାରା କଳୁଷିତ । ଶାଳୀନତା ଦ୍ୱାରା ପ୍ରାପ୍ତ ଲକ୍ଷ୍ମୀହିଁ ଦେବଭୂମି ଭାରତ, ଦେବ ସଂସ୍କୃତିର ଅଭୀଷ୍ଟ; ଅତ୍ୟାଚାର ଦ୍ୱାରା ଗଠିତ ସୁବର୍ଣ୍ଣ ଲଙ୍କା ନୁହେଁ । ଏଣୁ ଭିନ୍ନ ଏକ ସ୍ୱାଧୀନତା ପାଇଁ ଦୀପପୁଞ୍ଜ ଜଳିଉଠୁ ।

ଦୀପାବଳି ମାନବୀୟ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଆଧାତ୍ମିକ ପୃଷ୍ଠିଭୂମି ଉପରେ ଆଧାରିତ ଆମର ମହାନ ପର୍ବ ଏ ଦୀପାବଳି; ଏହା ସ୍ନେହ, ସହାନୁଭୂତି, ସଦ୍‌ଭାବନା, ସଂସ୍କୃତି ଓ ସମନ୍ୱୟର ସେତୁ । ଏହାର ବିସ୍ମୃତିରେ ଏହାକୁ ବିକୃତ ପରମ୍ପରାରେ ପରିଣତ କରାନଯାଉ ଏବଂ ଏ ସମାଜ ସହିତ ପରିବେଶକୁ ପ୍ରଦୂଷିତ ନକରୁ । ବିଧି ପାଳନ ଅର୍ଥରେ ନୁହେଁ, ବୁଝିବା ଅର୍ଥରେ ବୁଝି ଏ ଦୀପାବଳି ପ୍ରଥମେ ଆମ ନିଜକୁ ଆଲୋକିତ କରୁ ଏବଂ ସେହିଠାରୁ ଆଲୋକ ଦୂର ଦିଗ୍‌ବଳୟ ଯାଏଁ ପ୍ରସାରିତ ହେଉ । ଏହାହିଁ ବିଚାର୍ଯ୍ୟ ।

ଅଧ୍ୟକ୍ଷ, ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ : ବିପିନ ବିହାରୀ ପାଠାଗାର,
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା ।
ମୋ : ୯୯୩୮୩୪୪୧୩୮

## କୃଷ୍ଣବର୍ଣ୍ଣା କାଳୀ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଓଡିଶା ତଥା ଭାରତ ଭୂଖଣ୍ଡରେ ପୂଜିତା କାଳୀ ପବିତ୍ରା ମଙ୍ଗଳମୟୀ, ଆନନ୍ଦ ପ୍ରଦାୟିନୀ 1 ଉତ୍କଳରେ ବହୁ ଶକ୍ତିପୀଠ ରହିଛି ତନ୍ମଧ୍ୟରୁ ଭଦ୍ରକର ଭଦ୍ରକାଳୀ ପୂଜା ସାରା ଭାରତ ତଥା ଉତ୍କଳରେ ସୁପରିଚିତ । ଭଦ୍ରକାଳୀଙ୍କ ନାମ ଅନୁସାରେ ଭଦ୍ରକର ସ୍ଥାନ ନାମିତ ହୋଇ ଥିବାର କଥିତ ଅଛି । ଶ୍ରୁତି ପୁରାଣ କିମ୍ବଦନ୍ତୀ ଅନୁସାରେ ଭଗବାନ ଶ୍ରୀ ରାମଚନ୍ଦ୍ର ରାବଣକୁ ବଧ କରିବା ନିମିତ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ଦିନ ରାବଣ ଅଭିମୁଖେ ଯାତ୍ରା ଅଭିଯାନ ଆରମ୍ଭ କରିଥିଲେ ଏହି ତିଥି ବିଜୟା ଦଶମୀ ବା ଦଶହରା ନାମରେ ବିଖ୍ୟାତ । ସଂସାରର କାମନା ବାସନାର ଲୋପ ପାଇଁ ଦୁର୍ଗା, ମହାଶକ୍ତି, କାଳୀ ଭଦ୍ରକାଳୀ, ମହାକାଳୀ, ଧନଜନ ଗୋପଲକ୍ଷ୍ମୀ ପାଇଁ ମହାଲକ୍ଷ୍ମୀ, ବିଦ୍ୟା ବୁଦ୍ଧିର ବିକାଶ ପାଇଁ ମାତା ସରସ୍ୱତୀ ରୂପେ ପ୍ରତିଭାତ ହୁଅନ୍ତି । ଦୀପାବଳୀ ରେ ଦୀପଜାଳି ରାତ୍ର ଉଜାଗର ରହି ମା କାଳୀଙ୍କ ଉପାସନା କଲେ ବିଶେଷ ଫଳ ପାପ୍ତି ହୁଏ । କାଳ ଗର୍ଭରେ ଏ ଭୂତ ଜଗତର ସୃଷ୍ଟି ଓ ସଂହାର ମଧ୍ୟ କାଳ ସମଗ୍ର ଭୂତ ଜଗତକୁ ସୃଷ୍ଟି, ପାଳନ କରିବା ସହିତ ସଂହାର ମଧ କରନ୍ତି । କାଳଙ୍କ ପତ୍ନୀ କାଳୀ ହେଉଛନ୍ତି ଜଗତର ଆଧାରଭୂତା । ଆକାଶ, ବାୟୁ, ଗ୍ରହ, ନକ୍ଷତ୍ର ଓ ମର୍ତ୍ତ୍ୟ ସବୁଠାରେ ମହାଶକ୍ତି କାଳୀଙ୍କର ଅପୂର୍ବଲୀଳା ଦେଖିବାକୁ ମିଳେ । ଶିବଙ୍କର ଅଷ୍ଟମୂର୍ତ୍ତି ପରି କାଳୀଙ୍କର ଅଷ୍ଟରୂପ ରହିଛି ଚିନ୍ତାମଣି, ସ୍ୱର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧୀ, ଦକ୍ଷିଣା, କାମକଳା ହଂସ ଓ ଗୁହ୍ୟକାଳୀ ଅଷ୍ଟଦେବୀ ରୂପେ ବର୍ଣ୍ଣିତ । କାଳୀଙ୍କ ଅବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ ଓ ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱ ପରିଚାଳନା ଏବଂ ସଂହାରଣାଦି ପରିଚାଳନା କରନ୍ତି । ଦେବୀ ଅଚିନ୍ତ୍ୟ ଶକ୍ତି ଅଚନ୍ତ୍ୟରୂପ । ତାଙ୍କ ରୂପର କଳନା ନାହିଁ ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ ସୃଷ୍ଟିର ମଙ୍ଗଳ ପାଇଁ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ ଅନ୍ୟାୟ ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ମାନବ ଜାତିର ଅଭ୍ୟୁଥାନ ସହିତ ଦେବୀଙ୍କ ପୂଜା ପ୍ରତିଷ୍ଠା ସମ୍ପାଦିତ । କାଳରାତ୍ରୀ, ମୋହରାତ୍ରୀ, ମହାରାତ୍ରୀ ତଥା ଦାରୁଣରାତ୍ରୀ ମାନଙ୍କରେ ଦେବୀକାଳୀଙ୍କର ପୂଜାର୍ଚ୍ଚନା ତଥା ସାଧନାର ସମୟ । କାର୍ତ୍ତିକମାସ ଅମାବାସ୍ୟାର କାଳରାତ୍ରୀରେ ମହାକାଳୀଙ୍କ ଆବିର୍ଭାବ ତଥା ପୂଜାର ବାସ୍ତବ ସମୟ କାରଣ କାଳରାତ୍ରୀ ହିଁ ମହାକାଳୀଙ୍କ ପ୍ରିୟ ରାତ୍ରୀ ଅଟେ । ଭାରତର ଅଧିକ ରାଜ୍ୟରେ ଦୀପାବଳୀ ଦିନ ଗଣେଷ ଲକ୍ଷ୍ମୀଙ୍କର ପୂଜା ହେଉଥିବା ବେଳେ ପଶ୍ଚିମବଙ୍ଗ, ଓଡିଶା ଓ ଆସାମରେ ଏହିଦିନ ମା କାଳୀଙ୍କର ପୂଜା ଅର୍ଦ୍ଧରାତ୍ରୀରେ ହୁଏ । କୁହାଯାଏ ଯେ ରାକ୍ଷସ ମାନଙ୍କର ବଧ କରିବା ପରେ ମଧ ଯେତେବେଳେ ମହାକାଳୀଙ୍କର କ୍ରୋଧ ଶାନ୍ତ ହେଲାନାହିଁ ଭଗବାନ ଶିବ ସ୍ୱୟଂ ତାଙ୍କ ଚରଣରେ ଶୋଇପଡିଲେ ଭଗବାନ ଶିବଙ୍କ ଶରୀର ସ୍ପର୍ଶ ମାତ୍ରକେ ଦେବୀଙ୍କର କ୍ରୋଧ ଶାନ୍ତ ହୋଇଗଲା । ଏହି ସ୍ମୃତିରେ ଦେବୀଙ୍କର ଶାନ୍ତରୂପ ଲକ୍ଷୀଙ୍କୁ ବି ପୂଜା କରାଯାଏ । କିଛିଭାଗରେ ଦେବୀଙ୍କର ରୌଦ୍ରରୂପ ବି ପୂଜା ହେବାର ଦେଖାଯାଏ ।

ଦୁଷ୍ଟ ଓ ପାପୀ ମାନଙ୍କର ସଂହାର କରିବା ପାଇଁ ମାତା ଦୁର୍ଗା କାଳୀ ରୂପ ନେଇଥିଲେ । କୁହାଯାଏ ଯେ ମା କାଳୀଙ୍କୁ ପୂଜା କଲେ ସବୁ ଦୁଃଖ ହରଣ କରିନିଅନ୍ତି । ଜନ୍ମ ଜାତକ ରେ ରାହୁ ଓ କେତୁ କାଳୀଙ୍କୁ ପୂଜିବା ଦ୍ୱାରା

ଶା' ହୋଇଯାଆଁ । ଅନେକ ସ୍ଥାନରେ ତନ୍ତ୍ର ସାଧନା ପାଇଁ ମଧ କାଳୀଙ୍କୁ ସାଧନା କରାଯାଏ ।

ଭୁବନେଶ୍ୱର
୭୯୭୮୧୧୦୪୭୪

## 'ସପ୍ତମାତୃକା' ପକ୍ଷରୁ ଅନ୍‌ଲାଇନ୍ କବିତା ଆସର

ଯାଜପୁର,୦୨/୧୧(ନି.ପ୍ର): ଯାଜପୁର ସ୍ଥିତ ବୈତରଣୀ ପୀଠ ଦଶାଶ୍ୱମେଧ ଘାଟରେ ପୂଜା ପାଉଥିବା ସପ୍ତମାତୃକାଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ୭ଜଣ ଯୁବତୀଙ୍କ ସହ ବିଭିନ୍ନ ଜିଲ୍ଲାର ଯୁବତୀମାନଙ୍କୁ ନେଇ ସପ୍ତମାତୃକା ସାହିତ୍ୟ ସଂସଦ ଅନୁଷ୍ଠିତ ହୋଇଯାଇଛି । ଗତକାଲି ସନ୍ଧ୍ୟାରେ ଗୁଗୁଲମିଟ୍ ଦ୍ୱାରା ଓଡ଼ିଶାର ସମସ୍ତ ଜିଲ୍ଲାରୁ କବି ଓ କବୟିତ୍ରୀଙ୍କୁ ନେଇ "ସପ୍ତମାତୃକା" ଶୀର୍ଷକରେ କବିତା ଆସର କରାଯାଇଥିଲା । ଅତିଥି ରୂପେ ଧ୍ୱନିପ୍ରତିଧ୍ୱନି ଦୈନିକ ଖବର କାଗଜର ସମ୍ପାଦିକା ତଥା ଓଡ଼ିଶାର ଜଣେ ସୁନାମଧନ୍ୟ କବି ସୈରିନ୍ଧ୍ରୀ ସାହୁ ଅତିଥି ରୂପେ ଯୋଗ ଦେଇଥିଲେ । ସପ୍ତମାତୃକାର ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ଯେନା, ସଭାପତି ପ୍ରତିମା ବଳ, ଉପସଭାପତି ଶାନ୍ତିଲତା ରଣା, ମାର୍ଗଦର୍ଶିକା/ ପରିଚାଳିକା ବର୍ଷାରାଣୀ ସାହୁ, ସଂଯୋଜିକା ପ୍ରିୟଦର୍ଶିନୀ ମହାପାତ୍ର, ସମ୍ପାଦିକା ଗାୟତ୍ରୀ ମଲ୍ଲିକ, ସହ ସମ୍ପାଦିକା ସଂଘମିତ୍ରା କବି, ଉପଦେଷ୍ଟା ରୋଜାଲିନ୍ ବାରିକ, କବି ସୁବ୍ରତ ନାୟକ, କବି ନିର୍ମଳ ନାୟକ, କବି କାହ୍ନୁ ଚରଣ ଯେନା, ପ୍ରବାସିନୀ ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତରାୟ, ରାକେଶ ରତନ ପ୍ରଧାନ, ରାଜକିଶୋର ମୁଣ୍ଡି ଆଦି ୭୦ରୁ ଅଧିକ କବି ଓ କବୟିତ୍ରୀ ଯୋଗଦାନ କରି ସପ୍ତମାତୃକା ସାହିତ୍ୟ ସଂସଦକୁ ସଫଳ ମଣ୍ଡିତ କରିଛନ୍ତି ।

## ସାରସ୍ୱତ ବ୍ରାହ୍ମଣ ମାଟି ବଂଶ ଓଝାଙ୍କ ବିଷ୍ଣୁ ମହାଯଜ୍ଞ

ବାଲିଆପାଳ,୦୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ କେଶୁଡିହାଠାରେ ସାରସ୍ୱତ ବ୍ରାହ୍ମଣ ମାଟି ବଂଶ ଓଝାଙ୍କ ବିଷ୍ଣୁ ମହାଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସୁଧାଂଶୁ ଶେଖର ପାଢୀ, ଭାନୁଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣା ଆହୁତି ଗୋପୀନାଥ ଦାସ, ସୁରେନ୍ଦ୍ର ରାଉଳ,ପ୍ରଫୁଲ ପାତ୍ର,ପର୍ଶୁରାମ ଦତ,କାହ୍ନୁ ପ୍ରମାଣିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ମାଟି ବଂଶ ଓଝାମାନେ ଅତିଥିରେ ବ୍ରାହ୍ମଣ ସମାଜ ସହିତ ସମାନ ଥିଲେ । ସ୍ୱାଧୀନତା ଆନ୍ଦୋଳନ ବେଳେ ଏହି ସଂପ୍ରଦାୟର ଲୋକମାନେ ଗାନ୍ଧିଙ୍କୀର ସ୍ୱଦେଶୀ ଆନ୍ଦୋଳନକୁ ସର୍ମଥନ ଜଣାଇ ଘରେ ଘରେ ତନ୍ତ ବସାଇ ଖଦଡ ବସ୍ତ୍ର ଯୋଗାଇଥିଲେ । ମାତ୍ର ଖଦଡ ବସ୍ତ୍ରର ଗୁରୁତ୍ୱ ଲୋକେ ନ ବୁଝିବାରୁ ଉପରୋକ୍ତ ସଂପ୍ରଦାୟର କୌଳିକ ବୃତି ଛାଡି ଅନ୍ୟ କାମରେ ଲାଗିଲେ । ଏବେ ସେମାନଙ୍କୁ ପୂର୍ବ କୌଳିକ ବୃତିକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ବାଲିଆପାଳ କମିଟିର ମୁଖ୍ୟ ସୁରେନ୍ଦ୍ର ରାଉଳ ପ୍ରକାଶ କରିଛନ୍ତି । ପୂର୍ବରୁ ସେମାନଙ୍କର ଉପନୟନ ହୋଇ ପଇତାଧାରଣ କରୁଥିଲେ ବୋଲି ପଣ୍ଡିତ ସୁଧାଂଶସୁ ଶେଖର ପାଢୀ କହିଛନ୍ତି । ମାଟି ବଂଶ ଓଝାମାନଙ୍କୁ ଏବେ ଏକାଠି କରାଯାଇ ସମାଜର ଉନ୍ନୟନ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯିବ ବୋଲି ମତ ପ୍ରକାଶ ପାଇଛି ।

## ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୩/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୪୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା, ମୟୁରଭଂଜ ଓ ନୂଆପଡା ଜିଲ୍ଲାରେ ଜଣେ ଲେଖାଏଁ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ପାଲା ପରିଷଦ ପକ୍ଷରୁ ସ୍ମୃତିସଭା

ଖଇରା,୦୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସ୍ଥିତ ପ୍ରସିଦ୍ଧ ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାରମୁନୀ ଉଦାସୀନଙ୍କ ଦେହାନ୍ତ ପରିପ୍ରେକ୍ଷୀରେ ଏକ ସ୍ମୃତିସଭା ମଙ୍ଗଳବାର ଦିନ ନିଳାଚଳ ନିଖିଳୋତ୍କଳ ପାଲାପରିଷଦ କୁପାରୀ ମଣ୍ଡଳ ଆନୁକୂଲ୍ୟରେ ଅମ୍ବିକାଶ୍ରମ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ପାଲାଗାୟକ ଅଲେଖ ଚନ୍ଦ୍ର ଦାଶ ଏଥିରେ ସଭାପତିତ୍ୱ କରିଥିଲେ । ମା ଅମ୍ବିକାଙ୍କୁ ଭକ୍ତି ପୁଷ୍ପାଞ୍ଜଳୀ ପରେ ଦିବଂଗତ ସାଧୁମହାତ୍ମା ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଚନ୍ଦ୍ରଶେଖର ପାଢୀ, ଚକ୍ରଧର ମହାପାତ୍ର,



ଲକ୍ଷ୍ମୀଧର ନାୟକ,ରାମଚନ୍ଦ୍ର ବିଶ୍ୱାଳ,ମହେଶ୍ୱର ବାରିକ, ଗଙ୍ଗାଧର ଦାସ, ସୁଦାମ ଚରଣ ସାହୁ,ମହେନ୍ଦ୍ର ସେଠୀ,ସମ୍ପାଦକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ନିଜ ବକ୍ତବ୍ୟରେ ଅମ୍ବିକା ବାବାଙ୍କ ଜୀବନୀ,ସାଧନା,ସିଦ୍ଧି,ଅମ୍ବିକା ମନ୍ଦିର, ପାହାଳ ବଜାରରେ ଓଁକାର ଜଗନ୍ନାଥ ମନ୍ଦିର କରାଯିବା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅମରଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

## ସନାତନଧର୍ମ ପ୍ରଚାରକଙ୍କ ପରଲୋକ

ଖଇରା,୦୩/୧୧ (ନି.ପ୍ର): ଖଇରା ତଥା ଆଖପାଖ ଅଞ୍ଚଳରେ ସନାତନ ଧର୍ମ ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରିଥିବା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ମୌଜମପୁର ଗ୍ରାମନିବାସୀ ଯଶୋବନ୍ତ ଦାସ(୭୨)ଙ୍କ ର ବୁଧବାର ସକାଳେ ପରଲୋକ ହୋଇ ଯାଇଛି । ଅନ୍ୟତମ ଧର୍ମଗୁରୁ କାଳିନ୍ଦୀ ମାଖୀ,ଜଳଙ୍ଗ ଚଣ୍ଡୀଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ,ପ୍ରାକ୍ତନ ସରପଞ୍ଚ ଶରତ ଦାସ,ନାରାୟଣ ଦାସ ଙ୍କ ସମେତ ସ୍ଥାନୀୟ ଜନସାଧାରଣ,ଲୋକପ୍ରତିନିଧି ବାସଭବନରେ ପହଞ୍ଚ ଶେଷ ଦର୍ଶନ କରିଥିଲେ ।

## ବିଭିନ୍ନ ସମସ୍ୟାର ସମାଧାନ ଲାଗି ଠିକାଦାର ସଂଘ ଓ ପୂର୍ତ୍ତ କର୍ମକର୍ତ୍ତାଙ୍କ ଆଲୋଚନା

ଜଳେଶ୍ୱର ୩/୧୧(ନିପ୍ର): ଜଳେଶ୍ୱରରେ କିଛିଦିନ ଧରି ଠିକାଦାର ସଂଘ ଓ ପୂର୍ତ୍ତବିଭାଗ ମଧ୍ୟରେ କେତେକ ସମସ୍ୟା ଓ ସହଯୋଗ ଲାଗି ରହିଥିଲା । ଫଳରେ ବାଦାନୁବାଦ ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା । ଏଥିଲାଗି ଜଳେଶ୍ୱରରେ ବାରମ୍ବାର କେତେକ ଠିକାଦାରଙ୍କ ପକ୍ଷରୁ ଅନଶନ ଧର୍ମଘଟ ହୋଇ ଆସୁଥିଲା । ଏ ସବୁର ସମାଧାନ ଲାଗି ପୂର୍ତ୍ତବିଭାଗ ଡାକବଂଗଳାଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବରିଷ୍ଠ ଠିକାଦାର ସୁଜୟ କୁମାର କରଣ, ଅନନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ନାଥ, ଗୋବିନ୍ଦ ସାହୁ, ସେଖର ମହାନ୍ତି, ସୁଧିର



ସେନାପତି, ରାଜୁ ସାହୁ, ପ୍ରଶାନ୍ତ ପ୍ରଧାନ, ଲୋକନାଥ ଜେନା, ସ୍ୱୟମ୍ଭୁ ପ୍ରସାଦ ଦାସ, ଅଭିଳାସ ଭୂୟାଁ, ଦୁଷ୍ମନ୍ତ ଜେନା, ଜନ୍ମେଜୟ ନାଥ, ଦିଲ୍ଲିପ ବେହେରା ପ୍ରମୁଖ ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ ପଣ୍ଡା ଓ ସହକାରୀ ଯନ୍ତ୍ରୀ ନିହାର ରଂଜନ ବେହେରାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ ।

## ଦୁର୍ଗାଦେବୀରେ ମନେପଡେ ପିଲାଦିନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

### ଦୁଇଦିନ ହେବ ଅତୀତର ପୁରାତନ ଉପକରଣର ପ୍ରଦର୍ଶନୀ ଓ ହଜିଯାଉଥିବା ଗ୍ରାମୀଣ ଖେଳକୁଦର ପ୍ରତିଯୋଗିତା

ବାଲେଶ୍ୱର,୦୨/୧୧ (ନି.ପ୍ର): ରିଖ ବୁଧବାର ସଂଧ୍ୟା ୫ ଘଟିକା ସ୍ଥାନ ଦୂର୍ଗାଦେବୀର ରାଉତରାପୁରସ୍ଥ ବାସନ୍ତୀ ପୂଜା ମଣ୍ଡପରେ ବିଶ୍ୱାସ ସାମାଜିକ ଅନୁଷ୍ଠାନର ସଂପାଦକ ସଂଗ୍ରାମ କେଶରୀ ପରିଡ଼ାଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଦୂର୍ଗାଦେବୀରେ 'ମନେପଡେ ପିଲାଦିନ' ଏକ ଅଭିନବ କାର୍ଯ୍ୟକ୍ରମ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବସିଥିଲା । କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ଶ୍ରୀ ପରିଡ଼ା କହିଥିଲେ ଯେ ବାଲେଶ୍ୱରର ବିଶ୍ୱାସ ସାମାଜିକ ଅନୁଷ୍ଠାନ ଆସନ୍ତା ୧୩ ଓ ୧୪ ତାରିଖରେ ଦୂର୍ଗାଦେବୀର ଆଖପାଖ ଅଞ୍ଚଳବାସୀଙ୍କ ସହାୟତାରେ ସମସ୍ତଙ୍କ ପିଲାଦିନ କଥାକୁ ରୋମନ୍ଥନ କରି ଆଗାମୀ ପିଢ଼ିକୁ ଉଦବୁଦ୍ଧ କରିବା ପାଇଁ ପିଲାଦିନର ବିଭିନ୍ନ ଉପକରଣର ପ୍ରଦର୍ଶନୀ,



ଖେଳ, କଳା ଓ ଖାଦ୍ୟର ପ୍ରତିଯୋଗିତା, ବାଦ୍ୟ, ନୃତ୍ୟ ଗୀତ ପରିବେଷଣ କରାଯିବ । ବିଶ୍ୱାସର ଗରିଷ୍ଠ ଉପଦେଷ୍ଟା ଶିଳ୍ପୀ କେଶୁଦାସ ବିଷୟ ବସ୍ତୁକୁ ସରଳ ଭାବରେ ଆଲୋଚନା କଲେ କି ପ୍ଲାଷ୍ଟିକ ବର୍ଜ୍ଜିତ ତଥା ଆଧୁନିକଠାରୁ ଦୂରେଇ ୫୦ ବର୍ଷ ତଳ ଶୈଳୀରେ ଗ୍ରାମାଞ୍ଚଳରେ ଆୟୋଜନ କରାଯାଉଥିବା ସାଂସ୍କୃତିକ ମଞ୍ଚ, ପାଲା, ଚଢେଇୟା ନାଟ, ଶଗଡ଼ ଗାଡ଼ିରେ ଶୋଭାଯାତ୍ରା, ଢୋଲବାଜା ମାଧ୍ୟମରେ ପ୍ରଚାର ସହ ଅରଟ, ଢେଙ୍କି,ଲଙ୍ଗଳ ଜୁଆଳି ସହ ପୁରୁଣା ଚାଷ ଉପକରଣ, କୁଟିକାମର ପୁରୁଣା ଦୁଆରବନ୍ଧ ସହ ପୁରୁଣା ଗୃହ ଉପକରଣ, ପୁରୁଣା ବାଦ୍ୟଯନ୍ତ୍ର, ପୁରୁଣା ଆଲୋକ ଉପକରଣ, ପୁରୁଣା ରେଡ଼ିଓ, ଟିଭି, ଟେଲିଫୋନ, ଗାଡ଼ି ଇତ୍ୟାଦି ପ୍ରଦର୍ଶନ ହେବା ସହ ପିଠାପଣା, ପତୁଆ, ଚଟଣି ଓ ଆଦିବାସୀ ଖାଦ୍ୟ, ବାଦ୍ୟ ଓ ନୃତ୍ୟ ପରିବେଷଣ କରାଯିବ । ସ୍ଥାନୀୟ ଗ୍ରାମବାସୀମାନେଙ୍କ ବିଭିନ୍ନ ପ୍ରସ୍ତାବ ଓ ପ୍ରସଙ୍ଗ ଆଲୋଚନା କରାଯାଇ ଦୂର୍ଗାଦେବୀ ମନେପଡେ ପିଲାଦିନର ଏକ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବରେ ସତ୍ୟବ୍ରତ ମିଶ୍ର, ରାଧାକୃଷ୍ଣ ପାତ୍ର, ଅତୁଲ୍ୟ ମହାରଣା ଓ ହେମନ୍ତ ମଣ୍ଡଳ ( ଉପସଭାପତି,)ଦିଲ୍ଲୀପ କୁମାର ପ୍ରଧାନ ( ସଂପାଦକ ) ତରୁଣ କୁମାର ଦିବେଦୀ ଓ ବଂଶୀଧର ପଣ୍ଡା (ସହସମ୍ପାକ), ଓ ନିରାକର ସାମଲ (କୋଷାଧକ୍ଷ ) ଉପଦେଷ୍ଟା ଭାବରେ ମନରଞ୍ଜନ ପଟବନ୍ଧା,ଉଦୟ କୁମାର ଦେ,କରୁଣାକର ଓଝା, ଗଙ୍ଗାଧର ନାୟକ,ରରତ୍ନାକର ମଣ୍ଡଳ, ଶତ୍ରୁଘନ ଦେଉରୀ, ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବରେ ପ୍ରଦୀପ ପଲାଇ, ବିରଞ୍ଚି ବିଶ୍ୱାଳ, ସୋମନାଥ ଦଲାଇ, ଉମେଶ ଚନ୍ଦ୍ର ମଣ୍ଡଳ ପ୍ରମୁଖ ମନୋନୀତ ହୋଇଛନ୍ତି । ପରବର୍ତ୍ତୀ ସମୟରେ କର୍ମକର୍ତ୍ତା ପରିସରକୁ ବର୍ଦ୍ଧିତ କରାଯିବା ସହ ଯୁବ ଓ ମହିଳା ମାନଙ୍କୁ ନେଇ ସବକମିଟି ଗଠନ କରାଯାଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ସଫଳ କରିବା ପାଇଁ ପ୍ରୟାସ କରାଯିବ । ଶେଷରେ ବିଶ୍ୱାସ ସାମାଜିକ ଅନୁଷ୍ଠାନର ସଦସ୍ୟ ଚନ୍ଦନ କୁସାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ତୃଟି ଯୁକ୍ତ ପଦୋନ୍ନତିକୁ ନେଇ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

ଉଦଳା,୦୩/୧୧ (ନି.ପ୍ର): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ବାରିପଦାର ଲାଲବଜାରସ୍ଥିତ ଶିକ୍ଷକ ଭବନ ପରିସରରେ ଗତ ଅକ୍ଟୋବର ୩୧ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ସଭାପତି ଓ ସମ୍ପାଦକ ଏହି ବୈଠକରେ ଯୋଗ ଦେଇଥିଲେ । ଦିବସ ବ୍ୟାପି ଚାଲିଥିବା ଏହି ବୈଠକରେ ନିକଟରେ ସମାପ୍ତ ହୋଇଥିବା ପ୍ରାଥମିକ ପ୍ରଧାନ ଶିକ୍ଷକ ଓ ସ୍ନାତକ ଶିକ୍ଷକ ପଦୋନ୍ନତିରେ ବ୍ୟାପକ ତୃଟି ଥିବା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାର ପଞ୍ଚାୟତ ସମିତି ସ୍ତରୀୟ କାଉନସେଲିଙ୍ଗ ସମୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଯୋଗାଇ ଦିଆଯାଇଥିବା ପଦୋନ୍ନତି ତାଲିକା ଓ ଭେକେନ୍ସି ତାଲିକାକୁ ନେଇ ଜିଲ୍ଲାର ପଦୋନ୍ନତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଦେଖା ଦେଇଛି । ପଞ୍ଚାୟତ ସ୍ତରରେ ପର୍ଯ୍ୟାପ୍ତ ଲେଭେଲ-୪ ପ୍ରଧାନ ଶିକ୍ଷକ ଓ ସ୍ନାତକ ଶିକ୍ଷକ ପଦ ଖାଲିଥିବା ବେଳେ ସେ ସବୁ ଶୂନ୍ୟସ୍ଥାନକୁ ଜିଲା ଶିକ୍ଷାଧିକାରୀଙ୍କ ତରଫରୁ ଦର୍ଶାଯାଇନଥିଲା । ଫଳରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପରିତ୍ୟାଗ କରିବାକୁ ବାଧ ହୋଇଥିଲେ ଓ ଯେଉଁମାନେ ପଦୋନ୍ନତି ନେଲେ ସେମାନଙ୍କ ମଧ୍ୟରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଇତ୍ୟବସରରେ ଜଲ୍ଲାଶିକ୍ଷାଧିକାରୀଙ୍କ ବଦଳି ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି । ନୂତନ ଜିଲ୍ଲା ଶିକ୍ଷାଧିକାରୀ ଏହି ସମସ୍ୟାର ସମାଧାନ ନକଲେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ନେବା ପାଇଁ ନିଷ୍ପତ୍ତି ନେଇଛି ବୋଲି ସାଧାରଣ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି ।

## ବରିଷ୍ଠ ଦେଓ୍ୱାନୀ ବିଚାରପତି ଓ ସବ୍‌ଜଜ୍ ଦିପା ଦାସଙ୍କ କାର୍ଯ୍ୟରେ ଯୋଗଦାନ

ଜଳେଶ୍ୱର, ୩/୧୧(ନିପ୍ର): ଜଳେଶ୍ୱର ସ୍ଥିତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଛୁଟିରେ ଥିବାରୁ ଦୀପା ଦାସ ଏଠାରେ ଯୋଗଦାନ କରିଛନ୍ତି । କିଛିଦିନ ଧରି ଏହି ବିଚାରପତି ଆସନ ଖାଲି ଥିବା ବେଳେ ଅନ୍ୟଜଣେ ବିଚାରପତିଙ୍କୁ ନିଯୁକ୍ତି ଲାଗି ଦାବି ହୋଇ ଆସୁଥିଲା ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ: ୧୪ ଗିରଫ

ଭୁବନେଶ୍ୱର,୦୩/୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି ।

## ଶାନ୍ତିଆ କାଳିପୂଜା କମିଟିର ରକ୍ତଦାନ ଶିବିର



ଜଳେଶ୍ୱର ୩/୧୧(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାନ୍ତିଆ କାଳୀପୂଜା କମୀଟି ପକ୍ଷରୁ ପ୍ରତିବର୍ଷଭଳି ଚଳିତବର୍ଷ ମା କାୀଙ୍କ ପୂଜାର୍ଚ୍ଚନା ଓ ଆଲୋକର ପର୍ବ ଦୀପାବଳି ଅନୁଷ୍ଠିତ ହେଉଛି । କିନ୍ତୁ ଚଳିତବର୍ଷ ଏକ ରକ୍ତଦାନ ଶିବିର ଆୟୋଜନ କରି ସେମାନେ ନିଆରାଢଙ୍ଗରେ ପାଳିଛନ୍ତି ଏହି ପର୍ବକୁ । ଏହି ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ପୌରା ଅଧିକାରୀ ଅଜୟ କୁମା ମହାପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଉପସଭାପତି ସୁବ୍ରତ କୁମାର ରଣା, ଜିଲା ରକ୍ତଦାତା ସଂଘର ସାଂଗଠନୀକ ସଂପାଦକ ମନୋରଂଜନ ଦାସ, ଡାକ୍ତର ମହେଶ ବିଶ୍ୱାଳ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ ଯୋଗ ଦେଇ ରକ୍ତର ବିକଳ୍ପ ନଥିବାରୁ ଆବଶ୍ୟକ ରକ୍ତ ଲାଗି ସମସ୍ତେ ଚେଷ୍ଟିତ ହେବା ଉଚିତ୍ ବୋଲି କହିଥିଲେ । ଏଥିରେ ସିତାଂଶୁ ସେନାପତି, କେଦାର ନାଥ ଦାସ, ଦେବଜାନୀ ଅଣ୍ଡିଆ, ରିତାରାଣୀ ଦାସ, ଅମୂଲ୍ୟ ଅଣ୍ଡିଆ, ଲକ୍ଷ୍ମିଧର ବାଗ, ସତ୍ୟବ୍ରତ ପ୍ରଧାନ, ଲକ୍ଷ୍ମୀଧର ବାରିକ ପ୍ରମୁଖ ପରିଚାଳନା କରିଥିଲା ବେଳେ ୮୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ଜଳେଶ୍ୱର ସହର ବିକାଶ ଲାଗି ବ୍ୟାପକ ପଦକ୍ଷେପ

ଜଳେଶ୍ୱର, ୩/୧୧(ନିପ୍ର): ରାଜ୍ୟର ଉତ୍ତର ପ୍ରବେଶପଥ ଜଳେଶ୍ୱରର ବିକାଶ ଲାଗି ୧୯୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିଲାଗି ମୋଟ ୨୨କୋଟି୧୯ ଲକ୍ଷ୭୭ ହଜାର୯ଶହ ଟଙ୍କା ବ୍ୟୟ ହେବା ସମ୍ପର୍କରେ ଆଜି ବିଧାୟକ ଅଶ୍ୱିନୀ କୁମାର ପାତ୍ର ଭଂଜ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଜଳେଶ୍ୱରର ଆଲୋକିକରଣ, ସୌନ୍ଦର୍ଯ୍ୟ, ବିକାଶ, ସର୍ବାଙ୍ଗିନ ଉନ୍ନତି ଲାଗି ବ୍ୟାପକ ପଦକ୍ଷେପ ନିଆଯାଇଛି । ମୋଟ ୧୧୫ ଟି ପ୍ରକଳ୍ପ ଲାଗି ୬କୋଟି ୧୩ଲକ୍ଷ ୯୮ହଜାର ଟଙ୍କାର ବ୍ୟୟବରାଦର ବିଧାୟକ ଶ୍ରୀ ପାତ୍ର କାର୍ଯ୍ୟାଦେଶ ସଂପର୍କରେ ସୂଚନା ଦେଇଛନ୍ତି । ଏଥିରେ ବିଭିନ୍ନ ରାସ୍ତା ଓ ଜଳନିଷ୍କାସନ ଲାଗି ୭୪ଟି ପ୍ରକଳ୍ପରେ ୩କୋଟି ୧୮ଲକ୍ଷ୨ହଜାର ଟଙ୍କାର ବ୍ୟୟବରାଦ ହୋଇଛି । ସେହିପରି ନୂତନ ଢାଞ୍ଚାରେ ୩୯ଟି ରାସ୍ତା ନିର୍ମାଣ ସକାଶେ ୧କୋଟି୨୩ଲକ୍ଷ ୫୪ହଜାର ଟଙ୍କାର କାର୍ଯ୍ୟାଦେଶ ହୋଇଥିବା ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ 'ମଲ୍ଟି ପରପସ୍ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ' ନିର୍ମାଣ ଲାଗି ୯କୋଟି୨୮ଲକ୍ଷ ଟଙ୍କାର ପ୍ରକଳ୍ପ ଶାନ୍ତିଆଠାରେ ପ୍ରତିଷ୍ଠା ହେବାକୁ ଯାଉଥିବାର ସେ ସୂଚନା ଦେଇଥିଲେ । ଏହା ଫଳରେ ସମଗ୍ର ଉତ୍ତର ବାଲେଶ୍ୱରର ଖେଳୁଆଡ ମନୋଭାବ ସୃଷ୍ଟି କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ସୁବିଧାସୁଯୋଗ ପାଇପାରିବେ ବୋଲି କହିଥିଲେ । ଶାନ୍ତିଆସ୍ଥିତ ଏହି ଷ୍ଟାଡିୟମର ଗୋଟିଏ ପଟେ ଇଣ୍ଡୋର ଷ୍ଟାଡିୟମ ହେଉଥିବା ବେଳେ ଅନ୍ୟପଟେ ୬୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଅନ୍ୟ ଖେଳଲାଗି ସ୍ଥାନଟି ବିକଶିତ କରିବାକୁ ପୂର୍ତ୍ତବିଭାଗକୁ ଦାୟିତ୍ୱ ଦିଆଯାଇଥିବା ସଂପର୍କରେ ସେ କହିଥିଲେ । ଜଳେଶ୍ୱରରୁ ଅଲାଲପୁର ଯାଏ କଂକ୍ରିଟରେ ।ଡର୍ଟି ୩କୋଟି୫୭ଲକ୍ଷ୮୯ହଜାର ୩୪ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ । ଏକ ଆଧୁନିକ ଶ୍ମଶାନ ଲାଗି ୮୨ଲକ୍ଷ୮୩ ହଜାର ଓ ଏକ ପାର୍କଲାଗି ୮୯ଲକ୍ଷ ୫୯ହଜାର ଟଙ୍କାର କାର୍ଯ୍ୟାଦେଶ ହୋଇଥିବା ସେ ସୂଚନା ଦେଇଥିଲେ । ମୁକ୍ତା ଯୋଜନାରେ (ମୁଖ୍ୟମନ୍ତ୍ରୀ କଲ୍ୟାଣ ତତ୍ପର ଅଭିଯାନ ଯୋଜନା) ୬୦ଟି ନୂତନ ଢାଞ୍ଚାରେ ରାସ୍ତା ନିର୍ମାଣ ସକାଶେ ୬୬ଲକ୍ଷ୭୫ହଜାର ଟଙ୍କା ବ୍ୟୟଅଟକର ପ୍ରସ୍ତାବ ରଖାଯାଇଛି ।

# ଗୋପବନ୍ଧୁନଗର ବ୍ଲକରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ଗୋପବନ୍ଧୁନଗର,୦୩/୧୧ (ନି.ପ୍ର): ଆଜି ଗୋପବନ୍ଧୁନଗର ବ୍ଲକରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ମଲ୍ଲିକ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ପଦନ୍ନତି ପାଇ ବାଲେଶ୍ୱର ଜିଲ୍ଲାକୁ ଯାଇଛନ୍ତି । ଶ୍ରୀ ମଲ୍ଲିକ ଯିବା ହେତୁ ବ୍ଲକର ସମସ୍ତ ସହକାରୀ କର୍ମଚାରୀ ଗଣ ଦୁଃଖ ପ୍ରକାଶ କରିବା ସହିତ ସେ ଜଣେ ଉତମ ପ୍ରଦାଶକ ଥିଲେ ବୋଲି କହିଥିଲେ । ତାଙ୍କସହ କାମ କରିବାରେ କୈଣସି ଅସୁବିଧା ହେଉନଥିବା ସହ ସେ ବହୁ ବଡ ଅସୁବିଧା ଗୁଡ଼ିକୁ ସାମ୍ନା କରିଥିଲେ । ୨୦୧୩ ମସିହାର ଫାଇଲିନ ବାତ୍ୟା କୁ ସାମ୍ନା କରି ଉତମ ପ୍ରଦର୍ଶନ କରିଥିଲେ ।ନୁଆ ବିଡିଓ ଭାବେ ସଂଗ୍ରାମ କେଶରୀ ଭୋଳ ଆଜି ତାଙ୍କ ବଦଳରେ କର୍ଯ୍ୟଭାର ଗ୍ରହଣ କରିଥିଲେ । ନୂତନ ବିଙ୍କୁ ସ୍ୱାଗତ କରିବା ସହ ପୁରାତନ ବିଡିଓ ଶ୍ରୀ ମଲ୍ଲିକଙ୍କୁ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ସଭାରେ ବ୍ଲକ ଅଧକ୍ଷ ସୁକେଶ୍ୱର ମଢ଼େଇ, ଉପାଧକ୍ଷ ମାନସ କୁମାର ମହାରଣା,ବିଜେଡି ବ୍ଲକ ସଭାପତି ସତ୍ୟବାନ ଉପାଧାୟ, ଯୁବ ସଂଗଠକ ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବେଆଇନ୍ ଘେରି ଉଚ୍ଛେଦ ଲାଗି ଟାସ୍କଫୋର୍ସ ବୈଠକ

ପୁରୀ,୦୩/୧୧ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିଲିକାରେ ବେଆଇନ୍ ଘେରି ଉଚ୍ଛେଦ ନିମନ୍ତେ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସଚନ୍ଦ୍ର ନାଥ ଶର୍ମା ଅଧକ୍ଷତା କରିଥିଲେ । ବେଆଇନ୍ ଭାବେ ଚିଙ୍ଗୁଡ଼ିଘେରି କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ପ୍ରଶାସନକୁ ଅବଗତ କରାଇବା ପାଇଁ ଜିଲ୍ଲା ମତ୍ସ୍ୟଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ପ୍ରଶାସନ ସହିତ ସହଯୋଗ କରୁନଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ହୋଇଛି । ବୈଠକରେ ଉପଜିଲ୍ଲାପାଳ ଭବତାରଣ ସାହୁ,କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ,ବ୍ରହ୍ମଗିର ତହସିଲଦାର କାହ୍ନୁଚରଣ ଘଡ଼େଇ,ସଦର ଏସ୍‌ଡ଼ିପିଓ କିଶୋର ଚନ୍ଦ୍ର ମୁଣ୍ଡ,ବ୍ରହ୍ମଗିରି ଓ କୃଷ୍ଣ ପ୍ରସାଦ ଥାନା ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତଥିଲେ ।

# ବାଲୁକା ସ୍ଥାପତ୍ୟରେ ଶୁଭେଚ୍ଛାର ବାର୍ତ୍ତା

ପୁରୀ,୦୩/୧୧ (ନି.ପ୍ର): ଆସନ୍ତାକାଲି ଆଲୋକର ପର୍ବ ଦିପାବଳୀ ।ଏହାର ଅବ୍ୟବହିତ ପୂର୍ବରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମୀରେ ବାଲୁକା ସ୍ଥାପତ୍ୟ ଜରିଆରେ ଦିପାବଳୀର ଶୁଭେଚ୍ଛା ଜଣାଇଛନ୍ତି ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ । ବେଳାଭୂମୀର ଲାଇଟ୍ ହାଉସ୍‌ଠାରେ ଶ୍ରୀସାହୁ ବାଲୁକା ସ୍ଥାପତ୍ୟରେ କାଳୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ସହିତ 'ହାପି ଦିୱାଲି' ବୋଲି ଉଲ୍ଲେଖ କରିଛନ୍ତି । ଦିପାବଳୀର ଦୀପ ଜାଳିବା ସହିତ ସମସ୍ତେ କୋଭିଡ଼ ନିୟମ ପାଳନ କରିବାକୁ ସେ ତାଙ୍କ ବାଲୁକା ସ୍ଥାପତ୍ୟରେ ବାର୍ତ୍ତା ଦେଇଛନ୍ତି । ୧୫ ଫୁଟ୍ ଓସାର ବିଶିଷ୍ଟ ଏହି ସ୍ଥାପତ୍ୟ ନିର୍ମାଣ ଲାଗି ତାଙ୍କୁ ୭ ଘଣ୍ଟା ସମୟ ଲାଗିଥିବା ଶ୍ରୀ ସାହୁ କହିଛନ୍ତି ।

# କର୍କଟରେ ଆକ୍ରାନ୍ତ ମହିଳା, ଚିକିତ୍ସାରେ ଅର୍ଥ ବାଧକ : ସହାୟତା ପାଇଁ ଆକୁଳ ନିବେଦନ



ବାଲିଆପାଳ,୦୩/୧୧ (ନି.ପ୍ର): ବାଲଲିଆପାଳ ବ୍ଲକ ଅସ୍ତି ପଂଚାୟତ କଂଟାବଣି ଗ୍ରାମର ବିଜୟ କୁମାର ଜେନାଙ୍କ ପତ୍ନୀ ସଞ୍ଜୁଲତା ଜେନା ଦୋରାରୋଗ୍ୟ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାସାୟୀ । ସ୍ୱାମୀ ବିଜୟ ଜେନା ବାଲିଆପାଳରେ ଏକ ତେଜରାତି ଦୋକାନରେ କାର୍ଯ୍ୟ କରନ୍ତି । ସେଠାରୁ ଯାହା ସ୍ୱଳ୍ପ ଅର୍ଥ ମିଳେ ସେଥିରେ ପରିବାର ଚଳେ । ପତ୍ନୀର ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଗୋଟାଇ ପାରୁନାହାନ୍ତି ବିଜୟ । ଘରେ ଯାହା ଗହଣା ଗାଂଠି ଆସବା ପତ୍ର ଥିଲା ସବୁ ବିକ୍ରୀ କରି ପତ୍ନୀର ଚିକିତ୍ସା କରଉଥିଲେ ମଧ୍ୟ ଏବେ ଆବଶ୍ୟକ ହେଉଥିବା ଅଧିକ ଅର୍ଥର ବ୍ୟବସ୍ଥା କରିପାରୁ ନାହାନ୍ତି । ପତ୍ନୀର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇବାକୁ ସେ ଆକୁଳ ନିବେଦନ କରିଛନ୍ତି । କେହି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ତାଙ୍କୁ ସହାୟତା ଦେବାକୁ ଚାହିଁଲେ ମୋବାଇଲ ନଂ - ୯୫୮୩୮୩୪୧୭୮ ଏବଂ ଏସବିଆଇ ଆକାଉଂଟ ନଂ - ୩୨୭୨୯୮୨୯୮୯୬ରେ ଯୋଗାଯୋଗ କରିବାକୁ ସେ ନିବେଦନ କରିଛନ୍ତି ।













❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo